ଓଡ଼ିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ
# ୨୦୦୫-୦୬

ସ୍ୱରାଷ୍ଟ୍ର ବିଭାଗ

# *2005-2006* ବର୍ଷରେ ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

# ପ୍ରଥମ ଅଧ୍ୟାୟ

## ଉପକ୍ରମଣିକା:

ରାଜ୍ୟ ପ୍ରଶାସନରେ ସ୍ୱରାଷ୍ଟ୍ର ବିଭାଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିବାରଣ ଓ ନିୟନ୍ତ୍ରଣ, ଅପରାଧୀ ଅଭିଯୋଜନ, ଅଗ୍ନିଶମସେବା ତଥା କାରାଗାର ପ୍ରଶାସନ ଆଦି ପୋଲିସ ସେବା ପ୍ରଶାସନ ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱ ପରିସରଭୁକ୍ତ । ଏତ୍‌ଦବ୍ୟତୀତ ଓଡିଶା ସଚିବାଳୟ ସେବାର ବିଭିନ୍ନ ବର୍ଗର କର୍ମଚାରୀ ଯଥା ସଚିବାଳୟ ସେବା, ସହାୟକ, ମୁଦ୍ରଲେଖକ, କ୍ଷିପ୍ରଲିପିକ, ବ୍ୟକ୍ତିଗତ ସଚିବ ଓ ସହାୟକମାନଙ୍କ କୋଠ ସମ୍ବର୍ଗ *(Common Cadre )* ବିଷୟଗୁଡିକର ପ୍ରଶାସନ ସମ୍ବନ୍ଧୀୟ ତଥା ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ବାହିନୀ ସମ୍ପର୍କୀୟ କାର୍ଯ୍ୟ ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱ । ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନ ପରିଚାଳନା କାର୍ଯ୍ୟ ସହିତ ସ୍ୱରାଷ୍ଟ୍ର ବିଭାଗ ନିବିଡଭାବେ ସମ୍ପୃକ୍ତ । ରାଜ୍ୟରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ସାମରିକ ସାହାଯ୍ୟ ଓ ପ୍ରତିରକ୍ଷା ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ସ୍ୱରାଷ୍ଟ୍ର ବିଭାଗ ପ୍ରତିରକ୍ଷା ବିଭାଗ ସହିତ ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିଥାଏ । ରାଜ୍ୟର ପ୍ରୋଟୋକଲ, ନୂଆଦିଲ୍ଲୀରେ ଥିବା ଓଡିଶା ଭବନ ଓ ଓଡିଶା ନିବାସ ଏବଂ କୋଲକତାରେ ଥିବା ଉତ୍କଳ ଭବନ ଏବଂ ଭୁବନେଶ୍ୱରରେ ଥିବା ରାଜ୍ୟ ଅତିଥି ଭବନ ସ୍ୱରାଷ୍ଟ୍ର ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ।

# ଦ୍ୱିତୀୟ ଅଧ୍ୟାୟ

*2.* **ଆରକ୍ଷୀ ପ୍ରଶାସନ** :

**2.1. ଆଇନ ଶୃଙ୍ଖଳା ପରିସ୍ଥିତି** :

**2.1.1** ଗତ ତା. *02.01.2006* ରିଖରେ ଯାଜପୁର ଜିଲ୍ଲାର କଳିଙ୍ଗ ନଗରଠାରେ ଘଟିଥିବା ଏକ ଦୁର୍ଭାଗ୍ୟଜନକ ଘଟଣାକୁ ବାଦ୍ ଦେଲେ ରାଜ୍ୟରେ *2005-2006* ବର୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟା ମୋଟି ଶାନ୍ତିପୂର୍ଣ୍ଣ ଥିଲା । କଳିଙ୍ଗ ନଗର ଘଟଣା ରାଜ୍ୟ ସରକାରଙ୍କର ଗଭୀର ଧ୍ୟାନ ଆକର୍ଷଣ କରିଛି ଏବଂ ଏହି ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା କ୍ରମଶଃ ଫେରିଆସୁଛି । ସ୍ୱଚ୍ଛ ଓ ନିରପେକ୍ଷ ପ୍ରଶାସନର ଦୃଷ୍ଟାନ୍ତ ସ୍ୱରୂପ, ଓଡିଶା ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ମାନ୍ୟବର ବିଚାରପତିଙ୍କ ଦ୍ୱାରା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏପରି କି ବିଭିନ୍ନ ରାଜନୈତିକ ଦଳର

ନେତୃବୃନ୍ଦ, ଯୁବ ସଂଗଠନ, ଛାତ୍ର ସଂଗଠନ, ଶ୍ରମିକ ସଂଗଠନ ଆଦି ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେଇ 'ଧାରଣା', 'ରେଲରୋକ', 'ରାସ୍ତା ଅବରୋଧ' ଭଳି କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଥିଲା ବେଳେ, ପୋଲିସର ସମୟୋପଯୋଗୀ ଓ ପ୍ରତିରୋଧମୂଳକ କାର୍ଯ୍ୟ ଦ୍ୱାରା କୌଣସି ଅପ୍ରୀତିକର ଘଟଣା ଘଟି ନାହିଁ । ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିବା ସଙ୍ଗେ ସଙ୍ଗେ ପାରମ୍ପରିକ ଉତ୍ସବମାନ ମଧ୍ୟ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି । ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଓଡିଶାର କେତେକ ଅଞ୍ଚଳରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଏକ ଗଭୀର ଉଦ୍‌ବେଗର ବିଷୟ ହୋଇଛି । ସନ୍ତ୍ରାସବାଦର ମୁକାବିଲା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି । ପରିଲକ୍ଷିତ ହତ୍ୟା ଓ ଯୌତୁକ ସମ୍ବନ୍ଧୀୟ ଘଟଣା ଗୁଡିକର ଉଲ୍ଲେଖନୀୟ ଅବନତି ଘଟିଛି । *2005* ମସିହାରେ ପୋଲିସ ଦଙ୍ଗାକାରୀ ଉତ୍ୟକ୍ତ ଜନତାକୁ ଘଉଡାଇବା ପାଇଁ *4* ଥର, ଅପରାଧ ନିୟନ୍ତ୍ରଣ ପାଇଁ *2* ଥର ଏବଂ ମାଓବାଦୀ କାର୍ଯ୍ୟକଳାପର ମୁକାବିଲା ପାଇଁ *3* ଥର ଗୁଳିଚାଳନାର ଆଶ୍ରୟ ନେଇଥିଲେ । ବିଶୃଙ୍ଖଳିତ ଉତ୍ୟକ୍ତ ଜନତାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ *5* ଥର ଲାଠି ଚାଳନାର ଆଶ୍ରୟ ନେଇଥିଲା ବେଳେ *2* ଥର ଲୁହବୁହା ବାଷ୍ପ ପ୍ରୟୋଗ କରିଛି ।

### *2.1.2.* ବନ୍ଦ, ରାସ୍ତାରୋକ ଏବଂ ରେଲରୋକ ଆନ୍ଦୋଳନ :

ବିରୋଧୀ ରାଜନୈତିକ ଦଳ, ସେମାନଙ୍କର ଛାମୁଆ ସଂଗଠନ ଏବଂ ସ୍ଥାନୀୟ ସଂଗଠନ *2005* ମସିହାରେ *60*ଟି 'ବନ୍ଦ', *381* ଟି 'ରାସ୍ତାରୋକୋ' ଏବଂ *8* ଟି 'ରେଲରୋକୋ' ସଂଗଠିତ କରିଥିଲେ । ସେଗୁଡିକ ମଧ୍ୟରୁ କୌଣସିଟି ବଡ ଆକାର ଧାରଣ କରି ନଥିଲା ।

### 2.1.3 ସାମ୍ପ୍ରଦାୟିକ ସଦ୍‌ଭାବ :

ରାଜ୍ୟରେ ସାମ୍ପ୍ରଦାୟିକ ପରିସ୍ଥିତି ମୋଟାମୋଟି ଭାବେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ଧର୍ମାନ୍ତରୀକରଣ, ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ, ଗୋହତ୍ୟା, ବେଆଇନ୍ ଗୋରୁ ଚାଲାଣ, ଅପହରଣ, ଅନ୍ୟ ସମ୍ପ୍ରଦାୟର ବାଳିକା ମାନଙ୍କୁ ପ୍ରଲୋଭିତ କରିବା ଏବଂ ଜମିଜମା ଘଟଣାକୁ କେନ୍ଦ୍ରକରି ସାମାନ୍ୟ ସାମ୍ପ୍ରଦାୟିକ ଉତ୍ତେଜନା ପରିଲକ୍ଷିତ ହୋଇଥିଲା । *36* ଟି ହିନ୍ଦୁ ମୁସଲମାନ ସାମ୍ପ୍ରଦାୟିକ ଉତ୍ତେଜନା ଏବଂ *15*ଟି ହିନ୍ଦୁ-ଖ୍ରୀଷ୍ଟିଆନ ସାମ୍ପ୍ରଦାୟିକ ଉତ୍ତେଜନା ପରିଲକ୍ଷିତ ହୋଇଥିଲା ।

**2.1.4 ଶ୍ରମିକ ପରିସ୍ଥିତି :**

ରାଜ୍ୟରେ ଆଇନ ଶୃଙ୍ଖଳାକୁ ବ୍ୟାହତ କଲାଭଳି ବଡଧରଣର ଶ୍ରମିକ ଅଶାନ୍ତି ସୃଷ୍ଟି ହୋଇ ନଥିଲା । ନିଖିଳ ଉତ୍କଳ ଉଠା ଜଳସେଚନ ନିଗମ କର୍ମଚାରୀ ମହାସଂଘ, କର୍ମଚାରୀ-ଶିକ୍ଷକ ମିଳିତ ମଞ୍ଚ ଏବଂ ବିଭିନ୍ନ ଶ୍ରମିକ ସଂଗଠନମାନେ ବର୍ଷତମାମ ବିଭିନ୍ନ ସ୍ଥାନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସଙ୍ଗଠିତ କରିବାରେ ସକ୍ରିୟ ଥିଲେ ।

**2.1.5 ଶିଳ୍ପାୟନ :**

ଓଡିଶା ସରକାର *2001* ମସିହାରୁ ଦ୍ରୁତ ଶିଳ୍ପାୟନ ଜରିଆରେ ରାଜ୍ୟର ଉନ୍ନତି ପାଇଁ ସର୍ବବିଧ ଉଦ୍ୟମ କରିଆସୁଛନ୍ତି । *2004* ମସିହା ପରେ ଏହି ପ୍ରଚେଷ୍ଟା ଦ୍ରୁତତର ହୋଇଛି । ବିଭିନ୍ନ ସ୍ଥାନରେ ଦ୍ରୁତ ଶିଳ୍ପାୟନ ଘଟୁଛି । ଏହା ଫଳରେ ଆଇନ ଶୃଙ୍ଖଳା ବ୍ୟାହତ ହେଲାଭଳି ବିଭିନ୍ନ ସମସ୍ୟା ମଧ୍ୟ ମୁଣ୍ଡ ଟେକୁଛି । ପୋଲିସ ଏହି ସମସ୍ୟାକୁ ଦକ୍ଷତାର ସହିତ ସମାଧାନ କରୁଛି । କଳିଙ୍ଗ ନଗର ବ୍ୟତୀତ ଅନ୍ୟ କୌଣସିଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇ ନାହିଁ ।

**2.1.6 ଛାତ୍ର ଅଶାନ୍ତି :**

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ସମାହିତ ହୋଇଛି । ବିଶେଷକରି ସର୍ବ ଭାରତୀୟ 'ଅଲଚିକି ଛାତ୍ର ସଂଗଠନ' ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅତ୍ୟନ୍ତ ସକ୍ରିୟ ହୋଇ ଉଠିଥିଲା । ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଅଲଚିକି' ଲିପିର ପ୍ରଚଳନ ତଥା ସେହି ବିଷୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ତା *08.07.2005* ରିଖରେ ରେଭେନ୍ସା ମହାବିଦ୍ୟାଳୟର କେତେକ ଛାତ୍ର କଟକ ରେଳ ଷ୍ଟେସନରେ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ କେତେକ ଦ୍ରୁତଗାମୀ ରେଳକୁ ଅଟକ ରଖିଥିଲେ । ସେମାନଙ୍କ ମଧ୍ୟରୁ *20* ଜଣଙ୍କୁ ଗିରଫ କରାଯାଇଥିଲା । ବିଭିନ୍ନ ମହାବିଦ୍ୟାଳୟରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ, ଅଧ୍ୟାପକମାନଙ୍କୁ ନିୟମିତ ଦରମା ପ୍ରଦାନ, ହରିଜନ, ଆଦିବାସୀ ଓ ଅନ୍ୟ ପଛୁଆ ବର୍ଗର ଛାତ୍ରମାନଙ୍କ ପାଇଁ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ସ୍ଥାନ ସଂରକ୍ଷଣ ଏବଂ *45* ଦିନ ମଧ୍ୟରେ ପରୀକ୍ଷା ଫଳ ଘୋଷଣା ଆଦି ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (*12000* କର୍ମୀ) ତରଫରୁ ତା *11.11.05* ରିଖରେ ଏକ ରାଜ୍ୟସ୍ତରୀୟ ପଟୁଆରର ଆୟୋଜନ କରାଯାଇଥିଲା ।

## 2.1.7 ବାମପନ୍ଥୀ ସନ୍ତ୍ରାସବାଦ:

ରାଜ୍ୟର 30ଟି ଜିଲ୍ଲାରୁ 14ଟି ଜିଲ୍ଲା ନକ୍ସଲ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ । ସି.ପି.ଆଇ. ( ମାଓବାଦୀ ) ତାଙ୍କର କାର୍ଯ୍ୟକଳାପକୁ ଉପକୂଳବର୍ତ୍ତୀ ଜିଲ୍ଲା ଯାଜପୁର ଓ ଢେଙ୍କାନାଳକୁ ପ୍ରସାରିତ କରିବାକୁ ଉଦ୍ୟମ କରୁଛନ୍ତି । ତା 28.03.2005 ରିଖରେ ନକ୍ସଲବାଦୀମାନେ ରାୟଗଡା ଜିଲ୍ଲାରେ ଅବଦୁଲ୍ ସୁକୁର ଖାଁଙ୍କୁ ହତ୍ୟା କରିଥିଲେ । ସେମାନେ ତା. 01.04.2005 ରିଖରେ ରାୟଗଡା ଜିଲ୍ଲାର ଦୋକି ସତ୍ୟନାରାୟଣଙ୍କ ଘର ଉପରେ ଆକ୍ରମଣ କରିଥିଲେ ଏବଂ ତା 24.05.2005 ରିଖରେ ସେଖାଲ ପୋଲିସ ଫାଣ୍ଡି ଏବଂ ନିକଟରେ ଥିବା ଏକ ନବନିର୍ମିତ କୋଠାକୁ ଉଡାଇ ଦେଇଥିଲେ । ସେମାନେ ମାଲକାନାଗିରି ଜିଲ୍ଲାର ଠିକାଦାର ସୁବାସ ବିଶ୍ୱାସଙ୍କୁ ତା 27.09.2005 ରିଖରେ ହତ୍ୟା କରିଥିଲେ ଏବଂ ମାଲକାନାଗିରି ଜିଲ୍ଲାର ମୋଟୁ ପୋଲିସ ଥାନା ଅଞ୍ଚଳର ଏକ ଯାନକୁ ତା 29.09.2005 ରିଖରେ ଉଡାଇ ଦେଇଥିଲେ । ଏହି ଘଟଣାରେ 2 ଜଣ ପ୍ରାଣ ହରାଇଥିଲେ । ସେମାନେ ପୂର୍ବତନ ମନ୍ତ୍ରୀ ତଥା ଭାରତୀୟ ଜନତା ଦଳର ନେତା ଶ୍ରୀ ଅରବିନ୍ଦ ଡାଲୀଙ୍କ କାଲିମେଳା ପୋଲିସ ଥାନା ଅଧିନସ୍ଥ ଏମ୍.ଭି.- 55 ବାସ ଭବନକୁ ଜଗିବା ପାଇଁ ନିଯୁକ୍ତ ହୋଇଥିବା ଏ.ପି.ଆର୍.ଙ୍କୁ ତା 02.11.2005ରିଖରେ ଆକ୍ରମଣ କରିଥିଲେ । ଏହି ଘଟଣାରେ କେହି ମୃତାହତ ହୋଇ ନଥିଲେ, ମାତ୍ର ସେମାନେ 8ଟି ଅସ୍ତ୍ର (4ଟି ଏସ୍.ଏଲ୍.ଆର୍. ଏବଂ 4 ଟି 303 ରାଇଫଲ୍ ) ଏବଂ ଗୋଳାବାରୁଦ ପୋଲିସଠାରୁ ଛଡାଇ ନେଇଥିଲେ ।

ସମ୍ବଲପୁର ଓ ଦେବଗଡ ଜିଲ୍ଲାରେ ମାଓବାଦୀ ହିଂସାର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ମଇ ଓ ଜୁଲାଇ 2005 ମସିହାରେ ସମ୍ବଲପୁର ଜିଲ୍ଲାର ଜୁଜୁମରା ଥାନା ଅଞ୍ଚଳର 5ଟି ଗ୍ରାମରେ 8 ଜଣ ସାଧାରଣ ଲୋକଙ୍କୁ ସନ୍ତ୍ରାସବାଦୀମାନେ ନିର୍ମମଭାବେ ହତ୍ୟା କରିଥିଲେ । ସମ୍ବଲପୁର ଜିଲ୍ଲାର ଜମନକିରା ଥାନା ଅଧିନସ୍ଥ ବଡରମାଠାରେ ମୁତୟନ ହୋଇଥିବା ଓ.ଏସ୍.ଏ.ପି.ର ଏକ ଗୋଷ୍ଠୀକୁ ଦଳେ ନକ୍ସଲବାଦୀ (30ରୁ40 ) ଆକ୍ରମଣ କରିଥିଲେ । ସନ୍ତ୍ରାସବାଦୀମାନେ ପୋଲିସଠାରୁ 4 ଟି ଏସ୍.ଏଲ୍.ଆର. ଏବଂ କେତେକ ଗୋଳାବାରୁଦ ଛଡାଇ ନେଇଛନ୍ତି । ଏହି ଘଟଣାରେ ଜଣେ ଓ.ଏସ୍.ଏ.ପି. ସିପାହୀ ମୃତ୍ୟୁବରଣ କରିଥିଲେ । ଜଣେ ସାଧାରଣ ଲୋକ ସମେତ ଅନ୍ୟ 4 ଜଣ ଆଘାତପ୍ରାପ୍ତ ହୋଇଥିଲେ । ମାର୍ଚ୍ଚ-ଏପ୍ରିଲ 2005 ମସିହାରେ ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ସନ୍ନିହିତ ଜିଲ୍ଲାମାନଙ୍କରେ ଏକ ସଶସ୍ତ୍ର ସନ୍ତ୍ରାସବାଦୀ ଦଳର ଗତିବିଧି ଲକ୍ଷ୍ୟ କରାଯାଇଥିଲା । ସେମାନେ କେତେଗୋଟି ସଭା କରିଥିଲେ ଏବଂ ଗ୍ରାମବାସୀମାନଙ୍କୁ

ସେମାନଙ୍କ ସଂଗଠନରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ । ସେମାନଙ୍କ ବିରୁଦ୍ଧରେ ଜୋର୍‌ଦାର୍ କାର୍ଯ୍ୟାନୁଷ୍ଠାନ ହେବାରୁ ସେମାନେ ସେମାନଙ୍କର କାର୍ଯ୍ୟକଳାପକୁ ସଙ୍କୁଚିତ କରିଛନ୍ତି । ଓଡିଶାରେ ନକ୍ସଲ ବିରୋଧୀ ଦମନ କାର୍ଯ୍ୟରେ ଓ.ଏସ୍.ଏ.ପି.ମାନଙ୍କ ସହିତ ତିନି ବାଟାଲିୟନ କେନ୍ଦ୍ରୀୟ ରିର୍ଜଭ ପୋଲିସ୍ ଫୋର୍ସ ମୁତୟନ ହୋଇଛନ୍ତି । ନକ୍ସଲ ବିରୋଧୀ ଦମନ କାର୍ଯ୍ୟକୁ ଜୋର୍‌ଦାର୍ କରିବା ପାଇଁ ସ୍ପେଶାଲ ଅପରେସନ୍ ଗ୍ରୁପର *14*ଟି ସବ୍-ଗ୍ରୁପ୍ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ମୁତୟନ କରାଯାଇଛି । ଗୁଇନ୍ଦା ବ୍ୟବସ୍ଥାକୁ ତୀବ୍ର କରାଯାଇଛି । ଏହି ବର୍ଷ ମଧ୍ୟରେ *180* ଜଣ ସନ୍ତ୍ରାସବାଦୀ ବା ସେମାନଙ୍କର ସକ୍ରିୟ ସମର୍ଥକ ଗିରଫ ହୋଇଥିଲେ । ପୋଲିସ *50* ଟି ଲ୍ୟାଣ୍ଡ୍ ମାଇନ୍, ଡେଟୋନେଟର, ଜିଲ୍ଲାଟିନଷ୍ଟିକ୍ ଆଦି ଉଦ୍ଧାର କରିବା ସହ ଚରମ ବିଚ୍ଛିନ୍ନତା ସୃଷ୍ଟି ପାଇଁ ସନ୍ତ୍ରାସବାଦୀମାନଙ୍କର ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। ରାଜ୍ୟ ସରକାର ସନ୍ତ୍ରାସବାଦର ସଫଳ ମୁକାବିଲା ପାଇଁ ଅନେକଗୁଡିଏ ଆଗୁଆ ପଦକ୍ଷେପ ନେଇଛନ୍ତି । ସେଗୁଡିକ ହେଲା,

କ) ସ୍ୱତନ୍ତ୍ର ଗୁଇନ୍ଦା ଶାଖା ( ଏସ୍.ଆଇ.ଡବ୍ଲୁ.) ଏବଂ ସ୍ପେଶିଆଲ୍ ଅପରେସନ୍ ଗ୍ରୁପ୍ ଗଠନ ।

ଖ) ପୋଲିସ ଥାନା ଓ ଫାଣ୍ଡି ନିରାପତ୍ତା ସୁଦୃଢୀକରଣ ।

ଗ) ରାଜ୍ୟ ପୋଲିସ ଅଧିକାରୀଙ୍କୁ ସନ୍ତ୍ରାସବାଦ ବିରୋଧୀ କୌଶଳାତ୍ମକ ପାଠ୍ୟକ୍ରମରେ ପ୍ରଶିକ୍ଷଣ ।

ଘ) ଦ୍ୱିତୀୟ ଆଇ.ଆର୍. ବାଟାଲିୟନ ଗଠନ ।

ଙ) ପଡୋଶୀ ସନ୍ତ୍ରାସବାଦ ପ୍ରଭାବିତ ରାଜ୍ୟମାନଙ୍କ ସହ ସହଯୋଗ ଓ ସମନ୍ୱୟ ସ୍ଥାପନ ।

## *2.2* ଅପରାଧ ସ୍ଥିତି:

ରାଜ୍ୟରେ *2003* ମସିହାରେ *58,923* ଟି ଓ *2004* ମସିହାରେ *62,507* ଟି ଧର୍ତ୍ତବ୍ୟ ଅରପରାଧ ମାମଲା ଦରଜ ହୋଇଥିବା ସ୍ଥଳେ *2005* ମସିହାରେ *65,029* ଟି ମାମଲା ପ୍ରତିବେଦିତ ହୋଇଥିଲା । ଅପରାଧର ସାମନ୍ୟ ବୃଦ୍ଧି ଘଟିଅଛି । ଉପରୋକ୍ତ *65,029* ଟି ମାମଲା ମଧ୍ୟରୁ *10,856* ଟି ମାମଲା ଅବକାରୀ ଆଇନର ଅନ୍ତର୍ଭୁକ୍ତ ।

ଅପରାଧ ସ୍ଥିତିର ଏକ ତୁଳନାତ୍ମକ ବିବରଣୀ ନିମ୍ନୋକ୍ତ ସାରଣୀରେ ପ୍ରଦାନ କରାଗଲା :

| କ୍ରମିକ ସଂଖ୍ୟା | ଅପରାଧ ଶୀର୍ଷ | ରିପୋର୍ଟ ହୋଇଥିବା ଅପରାଧ | | | 2004 ଓ 2003 ତୁଳନାରେ ଶତକଡା | | ଅଭିଯୋଗ ଫର୍ଦ୍ଦ ଦାଖଲ | ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି ହେଲାଭଳି ମାମଲା | ସଂଧାନର ଶତକଡା ହାର |
|---|---|---|---|---|---|---|---|---|---|
| | | 2003 | 2004 | 2005 | ବୃଦ୍ଧି | ହ୍ରାସ | | | |
| (1) | (2) | (3) | (4) | (5) | (6) | (7) | (8) | (9) | (10) |
| 1. | ଧର୍ତ୍ତବ୍ୟ ଅପରାଧ | 58,923 | 62,507 | 65,029 | +4.0 | +10.3 | 46,107 | 9,360 | 87.6 |
| 2. | ହତ୍ୟା | 1,044 | 1,066 | 1,079 | +1.2 | +3.3 | 609 | 285 | 86.7 |
| 3. | ଡକାୟତି | 208 | 238 | 234 | -1.6 | +12.5 | 109 | 59 | 75.3 |
| 4. | ଦସ୍ୟୁତା | 875 | 952 | 998 | +4.8 | +14.0 | 528 | 158 | 70.7 |
| 5. | ସିନ୍ଧିଚୋରି | 2,961 | 2,992 | 3,029 | +1.2 | +2.2 | 1,038 | 191 | 41.8 |
| 6. | ଚୋରି | 5,359 | 5,967 | 6,743 | +13.0 | +25.8 | 3,170 | 589 | 57.0 |
| 7. | ଠକେଇ | 937 | 805 | 1,040 | -29.1 | +10.9 | 401 | 348 | 78.1 |
| 8. | ଦଙ୍ଗା | 1,408 | 1,433 | 1,515 | +5.3 | +7.5 | 841 | 489 | 90.5 |
| 9. | ଧର୍ଷଣ | 725 | 770 | 799 | -3.7 | +10.2 | 457 | 251 | 92.5 |
| 10. | ଯାନବାହନ ଦୁର୍ଘଟଣା | 6,675 | 7,278 | 7,593 | +4.3 | +13.7 | 661 | 1,250 | 91.5 |

## 2.3 ରାଜ୍ୟ ଆରକ୍ଷୀ ବାହିନୀର ଆଧୁନିକୀକରଣ :

**2.3.1** ବହୁ ସଂଖ୍ୟାରେ ଆବାସିକ ତଥା ଅଣଆବାସିକ ଗୃହ ନିର୍ମାଣ ଓ ଆଧୁନିକ ସାଜ ସରଞ୍ଜାମ କ୍ରୟ ହେବା ସହିତ ରାଜ୍ୟ ଆରକ୍ଷୀ ବାହିନୀ ଦ୍ରୁତ ଗତିରେ ଆଧୁନିକୀକରଣ ହେବାରେ ଲାଗିଛି । ରାଜ୍ୟ ଫୋରେନ୍‌ସିକ୍ ବିଜ୍ଞାନାଗାରକୁ ଉନ୍ନତ ଏବଂ ଆଧୁନିକ ସାଜ ସରଞ୍ଜାମ ଦ୍ୱାରା ସଜ୍ଜିତ କରାଯାଇଅଛି । *2005* ମସିହାରେ, *9* ଗୋଟି ଫାଣ୍ଡି ଗୃହ, *9* ଗୋଟି ଥାନା ଗୃହ, ରାଜ୍ୟ ପୋଲିସ ଏକାଡେମୀର *4*ଗୋଟି କାର୍ଯ୍ୟାଳୟ ଗୃହ, *2* ଗୋଟି ପୋଲିସ ରିଜର୍ଭ କାର୍ଯ୍ୟାଳୟ ଗୃହ, ସ୍ୱତନ୍ତ୍ର ଗୁଇନ୍ଦା ସଂସ୍ଥା ଗୃହ ( ପ୍ରଥମ ଓ ଦ୍ୱିତୀୟ ମହଲା ), ଗୋଟିଏ ଟ୍ରାଫିକ୍ ଟାୱାର, *2* ଗୋଟି ଫୋରେନ୍‌ସିକ୍ ବିଜ୍ଞାନାଗାର, ଶ୍ୱାନ ପ୍ରଜନନ କେନ୍ଦ୍ର ଏବଂ *286* ଗୋଟି ବାସଗୃହ ନିର୍ମାଣ କରାଯାଇଛି ।

**2.3.2** ବିଭିନ୍ନ ସାଜ ସରଞ୍ଜାମ କ୍ରୟ ବାବଦରେ, *2005* ମସିହାରେ ଖର୍ଚ୍ଚ କରାଯାଇଥିବା ଅର୍ଥରାଶିର ବିବରଣୀ ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣିତ ହୋଇଅଛି ।

**2.3.3** ରାଜ୍ୟ ଆରକ୍ଷୀ ବାହିନୀର ବିଭନ୍ନ ସାଜ ସରଞ୍ଜାମ ଯଥା - ଗ୍ଲୋବାଲ ପୋଜିସନିଂ ସିଷ୍ଟମ, ଡାଏଲ *100* କଲ୍ ସିଷ୍ଟମ ଇତ୍ୟାଦି କ୍ରୟ ବାବଦରେ *107.27* ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ରାଜ୍ୟ ଆରକ୍ଷୀ ବାହିନୀ ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯଥା,

ଏ.କେ.-47 ରାଇଫଲ୍, ଗ୍ଲକ୍ ପିସ୍ତଲ, ମେସିନ୍ ପିସ୍ତଲ, 9 ମି.ମି.ଅଟୋ ପିସ୍ତଲ, 9 ମି.ମି. କାର୍ବାଇନ୍, 5.56 ମି.ମି.ଇନ୍‌ସାସ୍ ହାଲୁକା ମେସିନ୍ ଗନ୍, ସ୍ନିପର ରାଇଫଲ୍, 51 ମି.ମି. ମୋର୍ଟାର ଇତ୍ୟାଦି କ୍ରୟ ପାଇଁ 952.40 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ରାଜ୍ୟ ଆରକ୍ଷୀ ବାହିନୀର ଗମନାଗମନକୁ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ଭାରିଯାନ, ମଧ୍ୟମ ଧରଣର ଯାନ, ହାଲୁକା ଯାନ, ଦଙ୍ଗା ନିୟନ୍ତ୍ରଣ ଯାନ, ଦୁର୍ଘଟଣା ରିକଭରୀ ଭ୍ୟାନ୍, ଗୁଳି ନିରୋଧକ କାର୍ ତଥା ଗୁଳି ନିରୋଧକ ଟାୟାର ଓ ଟ୍ୟୁବ୍, ବମ୍ ଟ୍ରକ୍ ଟ୍ରେଲର, ୱାଟର ଟ୍ୟାଙ୍କର ଇତ୍ୟାଦି କ୍ରୟ କରାଯାଇ ଏ ବାବଦରେ 2005 ବର୍ଷରେ 934.40 ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ବିଭିନ୍ନ ପ୍ରକାରର ଯୋଗାଯୋଗ ସାଜ ସରଞ୍ଜାମ ଯଥା - ଭି.ଏଚ୍.ଏଫ. ଓ ଏଚ୍.ଏଫ. ଟ୍ରାନସ୍ ରିସିଭର ଆଦି କ୍ରୟ ବାବଦରେ 34.26 ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ରାଜ୍ୟ ଆରକ୍ଷୀ ବାହିନୀର ପ୍ରଶିକ୍ଷଣ, ଟ୍ରାଫିକ ନିୟନ୍ତ୍ରଣ ସାଜ ସରଞ୍ଜାମ, ଅଙ୍ଗୁଳିଛାପ ସଂସ୍ଥା, ଫଟୋ ବ୍ୟୁରୋ ତଥା ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖାର ଉନ୍ନତିକରଣ ପାଇଁ ସ୍ୱରାଷ୍ଟ୍ର ବିଭାଗ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସୁରକ୍ଷା ତଥା ଗୁପ୍ତ ସୂଚନା ସଂଗ୍ରହ ବାବଦରେ 165.46 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଧୁନିକ ସାଜ ସରଞ୍ଜାମ ତଥା ହାଲୁକା ଅସ୍ତ୍ରଶସ୍ତ୍ର ଯଥା ଗ୍ଲକ୍ ପିସ୍ତଲ, ମେସିନ୍ ପିସ୍ତଲ, ରିୟଲ ଟାଇମ୍ ଭିୟୁଇଂ ସିଷ୍ଟମ୍, ଅପ୍‌ଟିକାଲ ଫାଇବର ସ୍କୋପ୍, ୱାଟର କାନନ୍, ବମ୍ ଟ୍ରକ୍ , ଡିଜିଟାଲ୍ ଭିଡିଓ କ୍ୟାମେରା ଇତ୍ୟାଦି କ୍ରୟ କରାଯାଇଛି ।

## 2.4 ଅପରାଧ ଅନୁସନ୍ଧାନ ବିଜ୍ଞାନ ପ୍ରୟୋଗ ଶାଳା:

ଭୁବନେଶ୍ୱରର ରସୁଲଗଡଠାରେ ଗୋଟିଏ ରାଜ୍ୟ ଅନୁସନ୍ଧାନ ବିଜ୍ଞାନ ପ୍ରୟୋଗଶାଳା ଏବଂ ବ୍ରହ୍ମପୁର ଓ ସମ୍ବଲପୁରଠାରେ ଗୋଟିଏ ଲେଖାଏଁ ଆଞ୍ଚଳିକ ଅପରାଧ ଅନୁସନ୍ଧାନ ବିଜ୍ଞାନ ପ୍ରୟୋଗ ଶାଳା ଅଛି । ଏଗୁଡିକ ଅପରାଧ/ଦୋଷୀ/ ଅଭିଯୁକ୍ତ/ମୃତ ସ୍ଥଳରୁ ସଂଗ୍ରହ କରାଯାଇଥିବା ସମସ୍ତ ପ୍ରଦର୍ଶିତ ବସ୍ତୁର ଅପରାଧ ଅନୁସନ୍ଧାନର ଦାୟିତ୍ୱ ବହନ କରିଥାନ୍ତି ଏବଂ ସେଗୁଡିକର ରିପୋର୍ଟ ସମ୍ପୃକ୍ତ ବିଚାରାଳୟକୁ ପ୍ରଦାନ କରିଥାନ୍ତି । ଅପରାଧ ଅନୁସନ୍ଧାନୀ ବୈଜ୍ଞାନିକମାନେ ମଧ୍ୟ ଅପରାଧୀଙ୍କ ଅନୁସନ୍ଧାନ ଓ ନ୍ୟାୟ ପ୍ରଦାନ ପଦ୍ଧତିର କାର୍ଯ୍ୟକାରିତା ଓ ଉପାଦେୟତା ସମ୍ପର୍କରେ ପୋଲିସ ଅଧିକାରୀ ଓ ଡାକ୍ତରୀ ଛାତ୍ରମାନଙ୍କୁ ତାଲିମ୍ ପ୍ରଦାନ କରିଥାନ୍ତି । 2005 ମସିହାରେ 7761ଟି ପ୍ରଦର୍ଶିତ ବସ୍ତୁ ପରୀକ୍ଷା କରାଯାଇଥିଲା । ରାଜ୍ୟ ଅପରାଧ ଅନୁସନ୍ଧାନ ବିଜ୍ଞାନ ସେବା 7ଟି ବିଶେଷିତ (*Specialised* ) ପ୍ରଭାଗରେ ସଙ୍ଗଠିତ କରାଯାଇଛି । ସେଗୁଡିକ ହେଲା: ପଦାର୍ଥ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ, ରସାୟନ ବିଜ୍ଞାନ, ବିଷ ବିଜ୍ଞାନ, ଜୀବ ବିଜ୍ଞାନ, ଲସି ବିଜ୍ଞାନ ଓ ମିଥ୍ୟା ସନ୍ଧାନ ।

## 2.5 କମ୍ପ୍ୟୁଟର :

**2.5.1** *1994* ମସିହାରେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥାଙ୍କ ସାହାଯ୍ୟରେ ଅପରାଧ ଅନୁସନ୍ଧାନ ପଦ୍ଧତି କମ୍ପ୍ୟୁଟରୀକରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । *2000* ମସିହାରେ ରାଜ୍ୟ ଅପରାଧ ପଞ୍ଜୀକରଣ ସଂସ୍ଥା ଏବଂ *34*ଟି ଆରକ୍ଷୀ ଜିଲ୍ଲାକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା । ଏଥି ସହିତ ଏହି କମ୍ପ୍ୟୁଟର ଗୁଡିକୁ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ ସେବାରେ ଅନୁବନ୍ଧିତ କରାଯାଇଛି । ଜିଲ୍ଲାସ୍ତରୀୟ ଅପରାଧ ପଞ୍ଜିକରଣ ସଂସ୍ଥାର ସମସ୍ତ ଫଟୋବ୍ୟୁରୋ ଅଧିକାରୀମାନଙ୍କୁ ରାଜ୍ୟ ଅପରାଧ ପଞ୍ଜିକରଣ ସଂସ୍ଥାଦ୍ୱାରା କମ୍ପ୍ୟୁଟର ଚିତ୍ର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି, ଯଦ୍ୱାରା ସେମାନେ ସେମାନଙ୍କ ଜିଲ୍ଲାର ଅପରାଧୀମାନଙ୍କର କମ୍ପ୍ୟୁଟର ଚିତ୍ର ପ୍ରସ୍ତୁତ କରିପାରିବେ ।

## *2.6* ଅଙ୍ଗୁଳିଛାପ ବ୍ୟୁରୋ :

**2.6.1** *1936* ମସିହା ଏପ୍ରିଲ *1* ତାରିଖ, ଓଡିଶା ପ୍ରଦେଶ ଗଠନ ସମୟରୁ ରାଜ୍ୟ ଅଙ୍ଗୁଳିଛାପ ବ୍ୟୁରୋ ଗଠନ ହୋଇଥିଲା । ଲିପିବଦ୍ଧ ଥିବା *30* ହଜାର ଅଙ୍ଗୁଳିଛାପ ବିହାରରୁ ପ୍ରାପ୍ତ ହୋଇଥିଲା । ତା. *31.12.2005*ରିଖ ସୁଦ୍ଧା *48,515*ଟି ଅଙ୍ଗୁଳିଛାପ ରେକର୍ଡ କରାଯାଇଛି ।

**2.6.2** ଚଳିତ ବର୍ଷ *585* ଜଣ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କ ଅଙ୍ଗୁଳିଛାପ ଥିବା ରେକର୍ଡ ସ୍ଲିପ୍ ହେନେରୀ ପଦ୍ଧତିରେ ପରୀକ୍ଷା କରି ଶ୍ରେଣୀଭୁକ୍ତ କରାଯାଇଥିଲା । *3352* ଜଣ ଅପରିଚିତ ବ୍ୟକ୍ତିଙ୍କର ଅଙ୍ଗୁଳିଛାପ ସ୍ଲିପ୍ ବ୍ୟୁରୋ ତଥ୍ୟ ପ୍ରସଙ୍ଗକ୍ରମେ ଅନୁସନ୍ଧାନ କରିଥିଲା । *43*ଟି ମାମଲାରେ ଅଙ୍ଗୁଳିଛାପ ପରିଚୟ ପ୍ରତିପାଦିତ କରାଯାଇଥିଲା । *301*ଟି ଅନୁସନ୍ଧାନ ସ୍ଲିପ୍ ତ୍ରୁଟିଯୁକ୍ତ ଛାପ ହୋଇଥିବାରୁ ଫେରାଇ ଦିଆଯାଇଥିଲା । ଅବଶିଷ୍ଟ *3008*ଟି ଅନୁସନ୍ଧାନ ସ୍ଲିପ୍, ଅପରାଧୀର ପରିଚୟ ପ୍ରଦାନ କରିପାରିନଥିଲା । କାରଣ ସେଗୁଡିକର ଅଙ୍ଗୁଳିଛାପ, ବ୍ୟୁରୋର ଉପଲବ୍ଧ ନଥିଲା । *551* ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କର ଅଙ୍ଗୁଳିଛାପ ରେକର୍ଡ ସ୍ଲିପ୍ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥା, ନୁଆଦିଲ୍ଲୀକୁ ସେଣ୍ଟ୍ରାଲ ପୁଲ୍‌ରେ ସ୍ଥାୟୀ ରେକର୍ଡ ପାଇଁ ସମର୍ପଣ କରାଯାଇଥିଲା । *17* ଜଣ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କର ଅଙ୍ଗୁଳିଛାପ ଶ୍ରେଣୀ ବିଭାଗ ସୂତ୍ର ଜିଲ୍ଲାମାନଙ୍କର ତଥ୍ୟ ଫର୍ଦ୍ଦରେ ଦରଜ କରିବା ପାଇଁ ଯୋଗାଇ ଦିଆଯାଇଥିଲା ।

**2.6.3** *70* ଜଣ ଆରକ୍ଷୀ ଅଧିକାରୀଙ୍କୁ ଅଙ୍ଗୁଳିଛାପ ଓ ପଦ ଚିହ୍ନ ବିଜ୍ଞାନରେ ପ୍ରଶିକ୍ଷଣ ଦିଆଯାଇଥିଲା ।

## 2.7 ହସ୍ତଲିପି ବ୍ୟୁରୋ :

2.7.1 ଭୁବନେଶ୍ୱରସ୍ଥିତ ହସ୍ତଲିପି ବ୍ୟୁରୋ, ହସ୍ତଲେଖା ଦସ୍ତାବିଜ ପରୀକ୍ଷା କରନ୍ତି ଏବଂ ସୁଚିନ୍ତିତ ମତାମତ ପ୍ରଦାନ କରନ୍ତି । ସେହି ହସ୍ତଲେଖା ଦସ୍ତାବିଜଗୁଡ଼ିକ ବିଭାଗୀୟ ଏବଂ ଅପରାଧମୂଳକ ବିବରଣୀ, ଜାଲିଆତି ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଅଟେ । *2005* ବର୍ଷରେ *196*ଟି ମାମଲା ସମ୍ପର୍କରେ *20,669*ଟି ଦସ୍ତାବିଜ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା । ଏହି ସେବା ବାବଦକୁ *39,110*ଟଙ୍କା ଆଦାୟ କରାଯାଇଥିଲା ।

## 2.8 ଫଟୋ ବ୍ୟୁରୋ :

ଭୁବନେଶ୍ୱର ରସୁଲଗଡସ୍ଥିତ ଫଟୋ ବ୍ୟୁରୋ ଅଙ୍ଗୁଳିଛାପ ସମ୍ପର୍କୀତ *663*ଟି ମାମଲାରେ *883*ଟି ଫଟୋ ଚିତ୍ର ପ୍ରସ୍ତୁତ କରିଥିଲେ । ଅନ୍ୟ *199*ଟି ମାମଲାରେ *20,669*ଟି ଫଟୋ ପ୍ରସ୍ତୁତ କରି ହସ୍ତଲିପି ବିଷାରଦମାନଙ୍କ ନିକଟକୁ ସେମାନଙ୍କର ମତାମତ ପାଇଁ ପଠାଯାଇଥିଲା । *1337* ଜଣ ଫେରାର ହୋଇଥିବା ବ୍ୟକ୍ତିଙ୍କର ଫଟୋ କପି ପ୍ରସ୍ତୁତ କରାଯାଇ ଗଣ ମାଧ୍ୟମକୁ ବିସ୍ତୃତ ପ୍ରଚାର ପାଇଁ ପଠାଯାଇଥିଲା । ଫଟୋ ବ୍ୟୁରୋ ଆଇନ୍ ଶୃଙ୍ଖଳା ସମ୍ବନ୍ଧୀୟ *152*ଟି ଘଟଣାର ଭିଡିଓଗ୍ରାଫ୍ କରିଥିଲେ । ଏହି ସଂସ୍ଥା ବିଶିଷ୍ଟ ଏବଂ ଅତି ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କର ଗସ୍ତ ସମୟରେ *28*ଟି ସ୍ଥାନରେ ଗଣ ମାଧ୍ୟମ ବ୍ୟକ୍ତିମାନଙ୍କୁ ଏବଂ ସେମାନଙ୍କର ସାଜ ସରଞ୍ଜାମଗୁଡିକର ତନଖି କରିଥିଲେ । *46* ଜଣଙ୍କୁ ଏହି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ଓ *42* ଜଣ କର୍ମଚାରୀ ମାନଙ୍କର ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇଥିଲା ।

## 2.9 ଶ୍ୱାନ ବାହିନୀ :

କ୍ରାଇମବ୍ରାଞ୍ଚ୍ ଦ୍ୱାରା ଅପରାଧ ଅନୁସନ୍ଧାନ ପାଇଁ *1961* ମସିହାରୁ ଶ୍ୱାନ ବାହିନୀ ଓଡିଶା ପୋଲିସର ସେବା କରି ଆସୁଅଛି । *2005* ମସିହାରେ *549*ଟି ମାମଲାରେ ଶ୍ୱାନମାନଙ୍କୁ ନିୟୋଜିତ କରାଯାଇଥିଲା । ସେଗୁଡିକ ମଧ୍ୟରୁ *313*ଟି ଘଟଣାରେ ଶ୍ୱାନମାନେ ଅନୁସନ୍ଧାନର ସୂତ୍ର ବାହାର କରିଥିଲେ । ଏହାଦ୍ୱାରା ଶତକଡା *52* ଭାଗ ସଫଳତା ହାସଲ କରାଯାଇଛି । ଅପରାଧ ଅନୁସନ୍ଧାନ ବ୍ୟତୀତ ଶ୍ୱାନମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଅଛି ।

## 2.10 ସିଗ୍ନାଲ :

**2.10.1** ସିଗ୍ନାଲ ପ୍ରତିଷ୍ଠାନ ରାଜ୍ୟ ଆରକ୍ଷୀ ସଂସ୍ଥାର ସ୍ୱାୟତ୍ତତନ୍ତ୍ର ଅଟେ । ଏହି ସଂସ୍ଥାଦ୍ୱାରା ଦ୍ରୁତ ଖବର ସରବରାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ମାଲକାନାଗିରି ଜିଲ୍ଲାରେ *2* ଗୋଟି ଉଚ୍ଚ କ୍ଷମତା ସମ୍ପନ୍ନ ରେଡିଓ ଟେଲିଫୋନ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବିଭିନ୍ନ ଥାନାମାନଙ୍କରେ ଥିବା ଗାଡିରେ *22* ଗୋଟି ସ୍ଥିର ଓ *45* ଗୋଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ସେଟ୍ ଖଞ୍ଜାଯାଇଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ *27* ଗୋଟି ଅସ୍ଥାୟୀ ଏଚ୍.ଏଫ୍. ଏବଂ ଭି.ଏଚ୍.ଏଫ୍. କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଏତଦ୍ ବ୍ୟତୀତ ପର୍ବପର୍ବାଣୀ, ବିଶିଷ୍ଟ /ଅତି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗସ୍ତ, ଉପ ନିର୍ବାଚନ ଓ ସାଧାରଣ ସଭା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ *3887* ଟି ସ୍ଥିର/ଗତିଶୀଳ ଭି.ଏଚ୍.ଏଫ. ସେଟ୍ ଏବଂ *2066* ଗୋଟି ୱାକିଟକି ମୁତୟନ କରାଯାଇଥିଲା । ପୂର୍ବ ପ୍ରଚଳିତ ପାରା ମାଧ୍ୟମରେ ଯୋଗାଯୋଗ ସ୍ଥାପନ ବ୍ୟବସ୍ଥାକୁ ସ୍ଥଗିତ କରାଯାଇଛି । ପାରାଭାଡିଗୁଡିକ କେବଳ ମାତ୍ର ସଂଗ୍ରାହାଳୟ ଉଦ୍ଦେଶ୍ୟରେ ରହିଛି । ଜିଲ୍ଲା ମୁଖ୍ୟ ପୋଲିସ କାର୍ଯ୍ୟାଳୟରେ ଉପଗ୍ରହ ମାଧ୍ୟମରେ ଯୋଗାଯୋଗ *( V.SAT & MART)* ର ପ୍ରଚଳନ ହେବା ଦ୍ୱାରା ରାଜ୍ୟ ଆରକ୍ଷୀ ବାହିନୀର ସିଗ୍ନାଲ ପ୍ରଯୁକ୍ତି ବ୍ୟବସ୍ଥା ଅତି ଉନ୍ନତମାନରେ ପହଞ୍ଚି ପାରିଛି ।

## 2.11 ପୋଲିସ୍ ମୋଟର ପରିବହନ:

ବର୍ତ୍ତମାନ ପୋଲିସ୍ ମୋଟର ପରିବହନର ଗାଡି ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

| ଭାରିଯାନ | ମଧ୍ୟମ ଯାନ | ହାଲୁକା ଯାନ | ମୋଟର ସାଇକେଲ | ମୋଟ୍ |
|---|---|---|---|---|
| 237 | 458 | 1366 | 757 | 2818 |

ଏହି ଗାଡିଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କଟକଠାରେ ଏକ କେନ୍ଦ୍ରୀୟ ମରାମତି କେନ୍ଦ୍ର, ସମ୍ବଲପୁର ଓ ବ୍ରହ୍ମପୁରଠାରେ *2*ଟି ରେଞ୍ଜସ୍ତରୀୟ ମରାମତି କେନ୍ଦ୍ର ଏବଂ ରାଉରକେଲା ଓ କୋରାପୁଟଠାରେ *2*ଟି ଆଞ୍ଚଳିକ ଜିଲ୍ଲାସ୍ତରୀୟ ମରାମତି କେନ୍ଦ୍ର ଓ ବିଭିନ୍ନ ବାଟାଲିୟନ ସଦର ମହକୁମା ଓ ଜିଲ୍ଲାରେ *17* ଗୋଟି କ୍ଷୁଦ୍ର ମରାମତି କେନ୍ଦ୍ର ରହିଛି । *2005* ମସିହାରେ *57,247*ଟି ବଡଧରଣର ଏବଂ *79,401* କ୍ଷୁଦ୍ର ମରାମତି କାର୍ଯ୍ୟ କରାଯାଇଅଛି । ଭିନ୍ନ ଧରଣର *47*ଟି ଅବ୍ୟବହୃତ ଗାଡିର ନିଲାମ କରାଯାଇ ବିକ୍ରୟଲବ୍ଧ ଧନ ବାବଦକୁ *22,07,783* ଟଙ୍କା ପ୍ରାପ୍ତ ହୋଇଥିଲା ।

## 2.12 ଓଡ଼ିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ :

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ *1980* ମସିହା ମଇ ମାସ *24* ତାରିଖରେ ଏକ କମ୍ପାନୀ ରୂପେ ପଞ୍ଜିକୃତ ହୋଇଥିଲା । ଏହି ନିଗମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ;

(କ) ରାଜ୍ୟ ସରକାର ( ମୁଖ୍ୟତଃ ଆରକ୍ଷୀ ବାହିନୀ ପାଇଁ ), ଭାରତ ସରକାର ଏବଂ ଅର୍ଦ୍ଧ ସରକାରୀ ସଂସ୍ଥାମାନଙ୍କର ଆବାସିକ ଏବଂ ଅଣ ଆବାସିକ ଗୃହ ନିର୍ମାଣ ।

(ଖ) ଉପରୋକ୍ତ ସଂସ୍ଥାମାନଙ୍କ କୋଠାବାଡି ତଥା ରାସ୍ତାର ମରାମତି, ରକ୍ଷଣାବେକ୍ଷଣ ଓ ପୁନଃରୁଦ୍ଧାର କାର୍ଯ୍ୟ ସମାପନ କରିବା ।

*2005* ମସିହାରେ ଏହି ନିଗମ ନିମ୍ନୋକ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସମ୍ପୃକ୍ତ ସଂସ୍ଥାକୁ ହସ୍ତାନ୍ତର କରିଛି ।

| ବିଭାଗ | ପ୍ରକଳ୍ପ | ସଂଖ୍ୟା |
|---|---|---|
| ଆରକ୍ଷୀ | ଫାଣ୍ଡିଗୃହ | 9 |
| | ଥାନାଗୃହ | 9 |
| | ଥାନା ମଧ୍ୟରେ ବିଶ୍ରାମାଗାର ତଥା ପ୍ରସାଧନ ଗୃହ | 3 |
| | ରଜ୍ୟ ପୋଲିସ ଏକାଡେମୀ କାର୍ଯ୍ୟାଳୟ | 4 |
| | ରିଜର୍ଭ ଅଫିସର ଗୃହ | 2 |
| | ସ୍ୱତନ୍ତ୍ର ଗୁଇନ୍ଦା ଶାଖା | ପ୍ରଥମ ଓ ଦ୍ୱିତୀୟ ମହଲା |
| | ଟ୍ରାଫିକ୍ ଟାୱାର | 1 |
| | ଫୋରେନ୍‌ସିକ୍ ବିଜ୍ଞାନାଗାର ଓ ଶ୍ୱାନ ପ୍ରଜନନ କେନ୍ଦ୍ର | 2 |
| | 'ଇ' ଟାଇପ ବାସଗୃହ | 134 |
| | ଏଫ୍ ଟାଇପ ବାସଗୃହ | 152 |
| ଅଗ୍ନିଶମ ସେବା ସଂସ୍ଥା | ଦମକଳ କେନ୍ଦ୍ର | 14 |
| | ବାସଗୃହ | 11 |
| କାରାଗାର | ବାସଗୃହ | 28 |
| | ଜନସ୍ୱାସ୍ଥ୍ୟ ଓ ପରିମଳ | 70 ପାଇଖାନା<br>7 ଗଭୀର ନଳକୂପ ଓ ପାଣି ଟାଙ୍କି । |
| ଇ.ଏଲ.ଟି.ଆଇ., ଭୁବନେଶ୍ୱର | ଏମ୍.ପି.ହଷ୍ଟେଲ | 6 |
| ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର | ପ୍ରଶାସନିକ କାର୍ଯ୍ୟାଳୟ ଗୃହ | ତୃତୀୟ, ଚତୁର୍ଥ ଓ ପଞ୍ଚମ ମହଲା । |

# ନିର୍ମାଣାଧୀନ ପ୍ରକଳ୍ପର ବିବରଣୀ

| ବିଭାଗ | ପ୍ରକଳ୍ପ | ସଂଖ୍ୟା |
|---|---|---|
| ଆରକ୍ଷୀ | ଫାଣ୍ଡି ଗୃହ | *3* |
| | ଥାନା ଗୃହ | *36* |
| | ଥାନାଗୃହ ସୁଦୃଢୀକରଣ | *54* |
| | ସ୍ୱତନ୍ତ୍ର ଗୁଇନ୍ଦା ଶାଖା *(S.I.W.)* | *1* ( ତୃତୀୟ, ଚତୁର୍ଥ ଓ ପଞ୍ଚମ ମହଲା ) |
| | ଅପରାଧ ଶାଖା କାର୍ଯ୍ୟାଳୟ ଗୃହ | *1* |
| | *100* ଶଯ୍ୟା ବିଶିଷ୍ଟ ବ୍ୟାରାକ | *11* |
| | *60* ଶଯ୍ୟା ବିଶିଷ୍ଟ ବ୍ୟାରାକ | *2* |
| | *30* ଶଯ୍ୟା ବିଶିଷ୍ଟ ବ୍ୟାରାକ | *1* |
| | ରିଜର୍ଭ ଅଫିସ ଗୃହ | *10* |
| | ଅସ୍ତ୍ରାଗାର | *22* |
| | ଆଞ୍ଚଳିକ ଫୋରେନ୍‌ସିକ୍ ବିଜ୍ଞାନଗାର | *2* |
| | ପ୍ରଶିକ୍ଷଣ କେନ୍ଦ୍ର | *1* |
| | ବିଶ୍ରାମାଗାର ତଥା ପ୍ରସାଧାନ | *5* |
| | 'ଇ'ଟାଇପ ବାସଗୃହ | *264* |
| | 'ଏଫ' ଟାଇପ ବାସଗୃହ | *360* |
| ଅଗ୍ନିଶମ ସେବା ସଂସ୍ଥା | ଦମକଳ କେନ୍ଦ୍ର | *19* |
| | 'ଡି' ଟାଇପ ବାସଗୃହ | *2* |
| | 'ଇ' ଟାଇପ ବାସଗୃହ | *4* |
| | 'ଏଫ୍' ଟାଇପ ବାସଗୃହ | *10* |
| କାରାଗାର | ନୂତନ ଉପ କାରାଗାର | *15* |
| | 'ଡି' ଟାଇପ ବାସଗୃହ | *37* |
| | 'ଇ' ଟାଇପ ବାସଗୃହ | *149* |
| | 'ଏଫ୍' ଟାଇପ ବାସଗୃହ | *429* |
| | ବିଭିନ୍ନ କାରାଗାରର ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା | *20* |
| ନ୍ୟାୟପାଳିକା | ମାଲଖାନା | *10* |

# ତୃତୀୟ ଅଧ୍ୟାୟ

## 3. କାରାଗାର ପ୍ରଶାସନ :

**3.1** ଓଡିଶା କାରାଗାର ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅଧୀନରେ ରାଜ୍ୟରେ ମୋଟ୍ *70* ଗୋଟି ବିଭିନ୍ନ ପ୍ରକାରର କାରାଗାର କାର୍ଯ୍ୟ କରୁଅଛି । ସେଥିମଧ୍ୟରୁ ଜାମୁଝରି ଠାରେ 'ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ' ନାମରେ ଏକ ମୁକ୍ତାକାଶ କାରାଗାର ଅଛି । ଉପରୋକ୍ତ *70* ଗୋଟି କାରାଗାରର ନିର୍ଦ୍ଧାରିତ ଧାରଣ ଶକ୍ତି *9167* ( *8577* ପୁରୁଷ ଓ *590* ମହିଳା ) । ଏପରିସ୍ଥଳେ ତା *30.11.2005* ରିଖ ସୁଦ୍ଧା ମୋଟରେ *14,365* ( *13,927* ପୁରୁଷ ଓ *438* ମହିଳା ) ଜଣ ବନ୍ଦୀ ରହୁଛନ୍ତି । ଏତ୍ଦ ଭିନ୍ନ *5* ବର୍ଷରୁ କମ୍ *43* ଜଣ ଶିଶୁ ସେମାନଙ୍କର ବନ୍ଦିନୀ ମା'ମାନଙ୍କ ସହିତ ରହୁଛନ୍ତି । ସେମାନଙ୍କ ମଧ୍ୟରୁ *133* ଜଣ ନକ୍ସଲପନ୍ଥୀ ବନ୍ଦୀମାନଙ୍କୁ ବିଭିନ୍ନ କାରାଗାରରେ ଆବଦ୍ଧ କରାଯାଇଅଛି ।

**3.2** ବନ୍ଦୀମାନଙ୍କର ସର୍ବବିଧ ଉନ୍ନତି ନିମନ୍ତେ ସଂଶୋଧନ ପ୍ରତିଷ୍ଠାନଗୁଡିକ କାର୍ଯ୍ୟ କରୁଅଛି । ସେଗୁଡିକ ହେଲା,

| | | | |
|---|---|---|---|
| *(କ)* | *ଆଞ୍ଚଳିକ ଶିକ୍ଷାନବିସକାର୍ଯ୍ୟାଳୟ* | -- | *03* |
| *(ଖ)* | *ଜିଲ୍ଲା ଶିକ୍ଷାନବିସକାର୍ଯ୍ୟାଳୟ* | -- | *13* |
| *(ଗ)* | *ପୁରଷ ବନ୍ଦୀଙ୍କ ପାଇଁ କେନ୍ଦ୍ରୀୟ ଗୃହ* | -- | *01* |
| *(ଘ)* | *ଶିକ୍ଷାନବିସ ହଷ୍ଟେଲ* | -- | *01* |
| *(ଙ)* | *କାରାଗାର ଉନ୍ନୟନ କାର୍ଯ୍ୟାଳୟ* | -- | *19* |
| *(ଚ)* | *ବନ୍ଦୀ ପରବର୍ତ୍ତୀ ତତ୍ତ୍ୱାବଧାନ ଆଶ୍ରୟ ସ୍ଥଳୀ* | -- | *01* |
| *(ଛ)* | *ଉପଖଣ୍ଡ ଶିକ୍ଷାନବିସ କାର୍ଯ୍ୟାଳୟ* | -- | *17* |
| | *ମୋଟ୍* | -- | *55* |

**3.3**

ବ୍ରହ୍ମପୁରଠାରେ ଗୋଟିଏ କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟ କାର୍ଯ୍ୟ କରୁଅଛି । ଏଠାରେ କାରାଗାର କର୍ମଚାରୀ, ରକ୍ଷା କର୍ମଚାରୀ ଏବଂ ସଂଶୋଧନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ । ଏହି ପ୍ରଶିକ୍ଷଣ ବିଦ୍ୟାଳୟର ପାଠ୍ୟକ୍ରମକୁ ନିକଟ ଅତୀତରେ ସମୀକ୍ଷା କରାଯାଇଥିଲା ଏବଂ ଅପରାଧ ବିଜ୍ଞାନ ଓ ମାନବିକ ଅଧିକାର ବିଷୟ ପ୍ରଚଳନ କରାଯାଇଥିଲା । ସଂସ୍କାର ପ୍ରଶାସନର ଗୁରୁତ୍ୱ ବୃଦ୍ଧି ଦୃଷ୍ଟିରୁ ସଂଶୋଧନ ଅଧିକାରୀମାନଙ୍କୁ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିମିନୋଲୋଜି ଓ

ଫୋରେନସିକ୍ ସାଇନସ୍ (*N.I.C.F.S*)କୁ ପ୍ରଶିକ୍ଷଣ ନିମନ୍ତେ ନିୟମିତ ଭାବେ ପ୍ରେରଣ କରାଯାଉଛି । ଜାତୀୟ ମାନବିକ ଅଧିକାର କମିଶନ ଏବଂ ଆରକ୍ଷୀ ଗବେଷଣା ଉନ୍ନୟନ କେନ୍ଦ୍ର, ନୂଆଦିଲ୍ଲୀ ଆନୁକୂଲ୍ୟରେ ବୁର୍ଲା ଏବଂ ଭୁବନେଶ୍ୱର 'କାରାଗାରରେ ମାନବିକ ଅଧିକାର' ଶୀର୍ଷକ କର୍ମଶାଳାମାନ ଅନୁଷ୍ଠିତ ହୋଇଥିଲା ।

କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟରେ ନିମ୍ନୋକ୍ତ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

(କ) *10* ଜଣ ସଂଶୋଧନ ଅଧିକାରୀ ମାନଙ୍କୁ ଓଡିଶା କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟ, ବ୍ରହ୍ମପୁରଠାରେ ତା *18.08.2005* ରିଖରୁ ତା *06.09.2005* ରିଖ ମଧ୍ୟରେ ସତେଜକ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

(ଖ) *37*ତମ ବ୍ୟାଚ୍‌ର *22* ଜଣ ୱାର୍ଡରମାନଙ୍କୁ ତା *05.05.2004* ରିଖରୁ ତା *06.02.2005*ରିଖ ପର୍ଯ୍ୟନ୍ତ ୱାର୍ଡର ପ୍ରଶିକ୍ଷଣ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

### 3.4 କାରାଗାର ଆଧୁନିକୀକରଣ ଓ ସଂସ୍କାର :

**3.4.1** କାରାଗାରଗୁଡିକର ଆଧୁନିକୀକରଣ *2002-2003* ବର୍ଷରୁ ଆରମ୍ଭ ହୋଇଥିଲା ଏବଂ ଏହା *2006-07* ବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ । କାରାଗାର ଆଧୁନିକୀକରଣ ଯୋଜନା ନିମନ୍ତେ ଭାରତ ସରକାର ଓ ଓଡିଶା ସରକାର *75:25* ଆନୁପାତିକ ଭିତ୍ତିରେ ବାର୍ଷିକ *21.47* କୋଟି ଟଙ୍କା ଅଂଶ ଦାନ କରନ୍ତି । ବିଗତ *3* ବର୍ଷ ମଧ୍ୟରେ ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ ସମ୍ପୂର୍ଣ୍ଣ କିମ୍ବା ନିକଟରେ ସମ୍ପୂର୍ଣ୍ଣ ହେବାକୁ ଯାଉଛି ତାହାର ବିଷଦ୍ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ପ୍ରକଳ୍ପର ନାମ | 2002-2003 | | 2003-2004 | | 2004-2005 | |
|---|---|---|---|---|---|---|---|
| | | କାରାଗାର ସଂଖ୍ୟା | ରାଶିର ପରିମାଣ ( ଲକ୍ଷ ଟଙ୍କା ହିସାବରେ ) | କାରାଗାର ସଂଖ୍ୟା | ରାଶିର ପରିମାଣ ( ଲକ୍ଷ ଟଙ୍କା ହିସାବରେ ) | କାରାଗାର ସଂଖ୍ୟା | ରାଶିର ପରିମାଣ ( ଲକ୍ଷ ଟଙ୍କା ହିସାବରେ ) |
| (1) | (2) | (3) | (4) | (5) | (6) | (7) | (8) |
| 1. | ନୂତନଉପ କାରାଗାର ଗୃହ ଓ ବାସଗୃହ | 5 (ପ୍ରତ୍ୟେକ 200 କ୍ଷମତା ବିଶିଷ୍ଟ ) | 1332.00 | 5 (ପ୍ରତ୍ୟେକ 300 କ୍ଷମତା ବିଶିଷ୍ଟ) | 1332.00 | 5 (ପ୍ରତ୍ୟେକ 200 କ୍ଷମତା ବିଶିଷ୍ଟ ) | 710.05 |
| 2. | ପୁରାତନ କାରାଗାର ଗୃହ ରେ ଅତିରିକ୍ତ ପ୍ରକୋଷ୍ଠ ନିର୍ମାଣ | 3 (ମୋଟ 860 କ୍ଷମତା ବିଶିଷ୍ଟ ) | 278.00 | 10 (ମୋଟ 780 କ୍ଷମତା ବିଶିଷ୍ଟ) | 278.00 | 13 (ମୋଟ 910 କ୍ଷମତା ବିଶିଷ୍ଟ ) | 237.28 |
| 3. | ଅବସ୍ଥିତ କାରାଗାର ମାନଙ୍କରେ ଜଳ ଯୋଗାଣ | 8 | 49.00 | 7 | 17.00 | 9 | 12.70 |
| 4. | ପରିମଳ | --- | --- | 7 (ମୋଟ ସଂଖ୍ୟା 160 ) | 32.00 | 12 (ମୋଟ ସଂଖ୍ୟା 155) | 15.95 |
| 5. | କର୍ମଚାରୀଙ୍କ ବାସ ଗୃହ | 15 (ମୋଟ ସଂଖ୍ୟା 139 ) | 488.00 | 20 (ମୋଟ ସଂଖ୍ୟା 140 ) | 438.00 | 13 (ମୋଟ ସଂଖ୍ୟା 141 ) | 251.00 |

**3.4.2** ଓଡ଼ିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ, ଭୁବନେଶ୍ୱର 28 ଗୋଟି ବାସଗୃହ, 70 ଗୋଟି ସେପ୍‌ଟିକ୍ ପାଇଖାନା ଏବଂ 7 ଗୋଟି ଗଭୀର ନଳକୂପ ଏବଂ ଅନୁରୂପ ପାଣିଟାଙ୍କିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ଏଗୁଡିକୁ 2005 ମସିହାରେ କାରାଗାର ନିର୍ଦ୍ଦେଶାଳୟକୁ ହସ୍ତାନ୍ତର କରାଯାଇଥିଲା ।

**3.4.3** 2005-06 ବର୍ଷରେ ଲକ୍ଷ୍ମୀପୁର, କଣ୍ଟାବାଞ୍ଜି ଏମ୍.ଭି.-79, ମଦନପୁର-ରାମପୁର ଏବଂ କାଶୀପୁରଠାରେ 5ଟି ଉପ-କାରାଗାରର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ଏତଦ୍ ବ୍ୟତୀତ 150 ଲକ୍ଷ ଟଙ୍କା ବ୍ୟୟରେ ବ୍ରହ୍ମପୁର କେନ୍ଦ୍ରୀୟ କାରାଗାର, ବାରିପଦା କେନ୍ଦ୍ରୀୟ କାରାଗାର, ଚମ୍ପୁଆ ଉପ କାରାଗାର, ଆସ୍କା ଉପ-କାରାଗାର ଏବଂ

ଭବାନୀପାଟଣା ଜିଲ୍ଲା କାରାଗାରରେ ପ୍ରତ୍ୟେକ 100 କ୍ଷମତା ବିଶିଷ୍ଟ ପ୍ରକୋଷ୍ଠର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । 498 ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ଅବସ୍ଥିତ 22ଟି କାରାଗାରରେ 19ଗୋଟି 'ଡି' ଟାଇପ୍ ବାସଗୃହ, 23ଗୋଟି 'ଇ' ଟାଇପ୍ ବାସଗୃହ ଓ 94ଗୋଟି 'ଏଫ୍' ଟାଇପ୍ ବାସଗୃହର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । 49 ଲକ୍ଷ ଟଙ୍କା ବ୍ୟୟ ଅଟକଳରେ 9ଟି ଅବସ୍ଥିତ କାରାଗାରରେ ପରିମଳ ଓ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇଛି ।

### 3.5 ବନ୍ଦୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥା :

ରାଜ୍ୟରେ ଥିବା 34ଟି କାରାଗାର ଚିକିତ୍ସାଳୟରେ 326 ଗୋଟି ଶଯ୍ୟାର ବ୍ୟବସ୍ଥା ରହିଛି । ଏହି ଚିକିତ୍ସାଳୟମାନଙ୍କ ମଧ୍ୟରୁ କ୍ରମିକ ଭାବେ ଚୌଦ୍ୱାର, ବ୍ରହ୍ମପୁର, ବାରିପଦା ଏବଂ ସମ୍ବଲପୁର ଚିକିତ୍ସାଳୟ ଯଥାକ୍ରମେ ବଡ ଓ ସାନ ଅଟେ । ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରରେ ମଧ୍ୟ 20ଟି ଶଯ୍ୟାର ବ୍ୟବସ୍ଥା ରହିଛି । 21 ଗୋଟି ନିର୍ମାଣାଧୀନ ନୂତନ ଉପକାରାଗାରରେ ମଧ୍ୟ ନୂତନ ଶଯ୍ୟାର ବ୍ୟବସ୍ଥା କରାଯିବ ।

ପୀଡିତ ବନ୍ଦୀମାନଙ୍କର ଚିକିତ୍ସା ନିମନ୍ତେ କାରାଗାର ବିଭାଗ ଓଡିଶା ସରକାରଙ୍କ ଅଧୀନସ୍ଥ ଚିକିତ୍ସାଳୟ ଏବଂ ବିଶେଷ କାର୍ଯ୍ୟକ୍ରମ ( କୁଷ୍ଠ, ବାତ, ଏଡସ୍ ଏବଂ ଯକ୍ଷ୍ମା ଇତ୍ୟାଦି ) ର ସାହାଯ୍ୟ ନେଇଥାନ୍ତି । କାରାଗାରରେ ବନ୍ଦୀ ଥିବା କଏଦୀମାନଙ୍କର ପିଲାମାନଙ୍କୁ ପ୍ରତିଷେଧକ ଔଷଧ ଯୋଗାଇ ଦିଆଯାଉଛି । ମାନସିକ ବିକାରଗ୍ରସ୍ତ ବନ୍ଦୀମାନଙ୍କୁ ଯତ୍ନର ସହ ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଉଛି । 2004-05 ବର୍ଷରେ କଏଦୀମାନଙ୍କର ଚିକିତ୍ସା ଓ ଔଷଧ ନିମନ୍ତେ 47.77 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ଏହି ଖର୍ଚ୍ଚର ପରିମାଣ 2005-06 ବର୍ଷରେ ବୃଦ୍ଧି ପାଇବ । କଏଦୀମାନଙ୍କର ଚିକିତ୍ସା ନିମନ୍ତେ ରୋଟାରୀ କ୍ଲବ୍ ଏବଂ ପ୍ରଜାପିତା ବ୍ରହ୍ମାକୁମାରୀ, 'ଜୀବସତ୍ତା' ପାଇଁ ସାମାଜିକ ସଂଗଠନ, ଭୁବନେଶ୍ୱର, ମଦରଟେରେସା ସେବାସଂଘ, କୋରାପୁଟ ଏବଂ ନିଶ୍ୱାସ, ଭୁବନେଶ୍ୱର ଭଳି ସ୍ୱେଚ୍ଛାସେବୀ ସଂସ୍ଥାମାନେ ଆଗେଇ ଆସିଛନ୍ତି ।

ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ, ଜାମୁଝରିଠାରେ ଥିବା ବନ୍ଦୀମାନଙ୍କୁ ଅରୂପା ମିଶନ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ ଦ୍ୱାରା ମାଗଣାରେ ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଅଛି ।

### 3.6 କାରାଗାରରେ ଶିକ୍ଷା ବ୍ୟବସ୍ଥା :

ଅଶିକ୍ଷିତବନ୍ଦୀମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ରାଜ୍ୟର 23 ଗୋଟି କାରାଗାରରେ ପ୍ରତ୍ୟେକ କାରାଗାରରେ ଜଣେ ଲେଖାଏଁ ହିସାବରେ 23 ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଅନ୍ୟ କାରାଗାରଗୁଡିକରେ ଶିକ୍ଷିତ ବନ୍ଦୀମାନେ ଅଶିକ୍ଷିତ ବନ୍ଦୀମାନଙ୍କୁ ଶିକ୍ଷା ଦେଇଥାନ୍ତି । 2005 ମସିହାରେ 685 ଜଣ ଅଶିକ୍ଷିତ ବନ୍ଦୀମାନଙ୍କୁ ସାକ୍ଷର କରାଯାଇଥିଲା । ରାଜ୍ୟ ଗବେଷଣା କେନ୍ଦ୍ରଙ୍କ ସହାୟତାର ଅନେକ କାରାଗାରରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁରହିଛି । ସେମାନେ କାରାଗାରଗୁଡିକର ମଙ୍ଗଳ ଅଧିକାରୀ ଓ ଶିକ୍ଷକମାନଙ୍କୁ ନେଇ କର୍ମଶାଳା କରିଥିଲେ । ସେମାନେ ମଧ୍ୟ ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ପାଠ୍ୟ ଉପକରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

କାରାଗାର ନିର୍ଦ୍ଦେଶକଙ୍କ ପ୍ରଚେଷ୍ଟା ଫଳରେ କିଛି ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହାୟତାରେ, ପ୍ରାୟ ସବୁ କାରାଗାରରେ ପାଠାଗାରଗୁଡିକ କାର୍ଯ୍ୟକ୍ଷମ ହୋଇପାରିଛି ।

ବନ୍ଦୀମାନଙ୍କର ପିଲାମାନଙ୍କ ପାଇଁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଜନ୍ ଅଗଷ୍ଟସ୍ ଯୋଗାଇ ଦେଇଛନ୍ତି । ସେମାନେ ମଧ୍ୟ ଯେଉଁ ବନ୍ଦୀମାନେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି, ସେମାନଙ୍କ ପାଇଁ ପାଠ୍ୟପୁସ୍ତକ ଯୋଗାଇ ଦେଇଛନ୍ତି । ଶିକ୍ଷିତ ବନ୍ଦୀମାନଙ୍କୁ ଚିଠି ଲେଖିବା ପାଇଁ ଉତ୍ସାହିତ କରିବାକୁ ସେମାନେ କାରାଗାରମାନଙ୍କୁ ପୋଷ୍ଟ କାର୍ଡ ଯୋଗାଇ ଦେଇଛନ୍ତି । ସେମାନେ ବନ୍ଦୀମାନଙ୍କର 39 ଜଣ ପିଲାମାନଙ୍କର ପରୀକ୍ଷା ଦେୟ ଦେଇଥିଲେ । ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ 37 ସେଟ୍ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ ରାଜ୍ୟ ଯୋଜନାରେ ପ୍ରଥମଥର ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ବନ୍ଦୀମାନଙ୍କୁ କାରାଗାରରେ ପାଠ ପଢିବା ନିମିତ୍ତ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପାଠ୍ୟପୁସ୍ତକଗୁଡିକୁ କାରାଗାର ପାଠାଗାର ମାନଙ୍କରେ ରଖାଯିବ ।

ବ୍ରହ୍ମପୁର ଏବଂ ଚୌଦ୍ୱାର କାରାଗାରରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ଗୋଟିଏ ଲେଖାଏଁ ଶିକ୍ଷା କେନ୍ଦ୍ର ଖୋଲାଯାଇଅଛି । କେତେକ ବନ୍ଦୀ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ନିମନ୍ତେ ଅଧ୍ୟୟନରତ । ଅନେକ ବନ୍ଦୀମାନେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା ଦେବାପାଇଁ ଅଧ୍ୟୟନରତ ।

## 3.7 ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ:

କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନ୍ଦୀମାନଙ୍କର ମାନସିକ ଶାନ୍ତି ଏବଂ ନୈତିକ ସଚେତନତା ବୃଦ୍ଧି କରିବା ନିମିତ୍ତ ବିଭିନ୍ନ କାରାଗାରରେ ଯୋଗ, ଧ୍ୟାନ, ଧାର୍ମିକ, ଆଧ୍ୟାତ୍ମିକ ଓ ନୈତିକ ପ୍ରବଚନ ଦେବାର ବ୍ୟବସ୍ଥା କରିଛନ୍ତି । କାରାଗାରରେ ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ଉତ୍ସବ ପାଳନ ଅବସରରେ ବନ୍ଦୀମାନଙ୍କୁ ମନ୍ଦିର, ମସଜିଦ୍ ଏବଂ ଗିର୍ଜାକୁ ପରିଦର୍ଶନ କରିବାପାଇଁ ଅନୁମତି ଦିଆଯାଉଅଛି । ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ରାଜ୍ୟର 23 ଗୋଟି କାରାଗାରରେ ନିୟମିତ ଆଧ୍ୟାତ୍ମିକ ଏବଂ ରାଜଯୋଗ ପ୍ରବଚନ ପରିଚାଳନା କରୁଛନ୍ତି ।

## 3.8 ସାଂସ୍କୃତିକ କାର୍ଯ୍ୟକ୍ରମ :

ପ୍ରତି ଧର୍ମର ମୁଖ୍ୟ ଉତ୍ସବମାନ ଯଥା - ଦଶହରା, ରଜ, ବଡଦିନ, ଇଦୁଲ୍‌ଫିତ୍‌ର, ରଥଯାତ୍ରା, ରକ୍ଷା ବନ୍ଧନ ଆଦି ପ୍ରତ୍ୟେକ କାରାଗାରର ଅନ୍ତେବାସୀମାନେ ପାଳନ କରନ୍ତି । ବନ୍ଦୀମାନଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଉତ୍କଳ ଦିବସ ଭଳି ଜାତୀୟ ଉତ୍ସବ ପାଳନ କରାଯାଏ । ଏହି ଅବସରରେ ବନ୍ଦୀମାନଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ସେମାନଙ୍କର ଚିତ୍ତବିନୋଦନ ପାଇଁ ଡ୍ରାମା, ସଙ୍ଗୀତ ସମାରୋହ, ସୁମଧୁର ସଙ୍ଗୀତ କାର୍ଯ୍ୟକ୍ରମ, ନୃତ୍ୟ, ପାଲା, ସଙ୍ଗୀତ ଆବୃତ୍ତି ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

ବନ୍ଦୀମାନଙ୍କୁ ଚେସ୍, ଲୁଡୁ ଓ କ୍ୟାରମ୍ ଭଳି ଅନ୍ତର୍ଗୃହ ଖେଳ ଏବଂ ଭଲିବଲ୍, କବାଡି, କ୍ରିକେଟ୍ ଆଦି ବହିର୍ଗୃହ ଖେଳର ସୁବିଧା ଯୋଗାଇ ଦିଆଯାଇଛି । କାରାଗାର ପରିସରର ଭିତରେ ଏବଂ ବାହାରେ ବିଭିନ୍ନ ଅବସରରେ ସ୍ୱତନ୍ତ୍ର କ୍ରୀଡାର ଆୟୋଜନ କରାଯାଇଥାଏ । ସେମାନଙ୍କର ଅବସର ବିନୋଦନ ପାଇଁ ଟେଲିଭିଜନ୍ ଯୋଗାଇ ଦିଆଯାଇଛି । ବନ୍ଦୀମାନଙ୍କର ପଠନ ନିମନ୍ତେ ପାଠାଗାର ପୁସ୍ତକ, ସାମୟିକ ପତ୍ରିକା, ଦୈନିକ ସମ୍ବାଦ ପତ୍ର ଏବଂ ପତ୍ରିକା ଉପଲବ୍ଧ ହେଉଅଛି ।

**3.9 ମୁକ୍ତାକାଶ ଆଶ୍ରମ:**

ଗୃହ ବିଭାଗର ଇସ୍ତାହାର ସଂଖ୍ୟା *25676* ତା *06.06.2005* ରିଖରେ କାମୁଝରି ମୁକ୍ତାକାଶ କାରାଗାରକୁ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ଭାବେ ନାମିତ କରାଯାଇଅଛି । ବର୍ତ୍ତମାନ ସେଠାରେ *45* ଜଣ ଦୋଷୀ ସାବ୍ୟସ୍ତ ବନ୍ଦୀ ରହୁଛନ୍ତି । ଏହା ରାଜ୍ୟ ପାଇଁ ଏକ ଅଦ୍ୱିତୀୟ ପରୀକ୍ଷା । ବନ୍ଦୀମାନଙ୍କୁ ଲାଭ ଜନକ ବ୍ୟବସାୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ କୃଷି, ଉଦ୍ୟାନ କୃଷି ଏବଂ ଶିଳ୍ପ ଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମମାନ କାରାଗାରରେ ଗ୍ରହଣ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ତା. *27.03.2005* ରିଖରେ ଉକ୍ତ ମୁକ୍ତାକାଶ କାରାଗାର ପରିଦର୍ଶନରେ ଯାଇଥିଲେ ଏବଂ ସୁଗନ୍ଧିତ ଓ ଔଷଧୀୟ ବୃକ୍ଷରୋପଣ ଉପରେ ଏକ ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ ।

ଅରୂପା ମିଶନ ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ମୁକ୍ତାକାଶ କାରାଗାରକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ସେମାନେ ଜଳସେଚନ ପମ୍ପ୍ ବ୍ୟବହାର କରିବା ଏବଂ ବିଦ୍ୟୁତ୍‌କରଣ ଓ କାରାଗାର ପ୍ରକୋଷ୍ଠର ପୁନଃଉଦ୍ଧାର କରି ସବୁପ୍ରକାର ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ସୌର ବିଦ୍ୟୁତ୍‌ଶକ୍ତିର ବ୍ୟବସ୍ଥା କରିଛନ୍ତି । ସେମାନେ ମଧ୍ୟ କାରାଗାର ଉତ୍ପାଦିତ ସାମଗ୍ରୀର ବିପଣନ କରୁଛନ୍ତି । ସେମାନେ ବହୁ ସଂଖ୍ୟକ ପୁଷ୍ପ ଓ ଫଳ ବୃକ୍ଷ ରୋପଣରେ ସହାୟତା କରୁଛନ୍ତି । ବାୟୋ ଡିଜେଲ୍ ଉତ୍ପାଦନ ପାଇଁ ଜାଟ୍ରୋପା ରୋପଣ କରାଯାଇଛି । ସେମାନେ ମଧ୍ୟ କାରାଗାର ପାଠାଗାର ପାଇଁ ପୁସ୍ତକ ଓ ଅବସର ବିନୋଦନର ବନ୍ଦୋବସ୍ତ କରିଛନ୍ତି ।

ଏହି ମୁକ୍ତାକାଶ ଆଶ୍ରମର ବନ୍ଦୀମାନେ ସ୍ଥାନୀୟ ଡାକ୍ତରଖାନା ଓ ମନ୍ଦିରର ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ସ୍ୱତପ୍ରବୃତ୍ତ ଭାବେ ସେବାକାର୍ଯ୍ୟ କରିଥାନ୍ତି ।

**3.10 ବନ୍ଦୀମାନଙ୍କ ଥଇଥାନ :**

ପୁରୁଷ ବନ୍ଦୀମାନଙ୍କର ଥଇଥାନ ନିମନ୍ତେ ବାରିପଦାଠାରେ ଗୋଟିଏ କେନ୍ଦ୍ରୀୟ ଗୃହ ଓ କଟକ ଠାରେ ଗୋଟିଏ ମୁକ୍ତପର ଆଶ୍ରୟସ୍ଥଳ ଅବସ୍ଥିତ । ଅଭାବି ବନ୍ଦୀମାନେ ମୁକ୍ତ ହେଲା ପରେ ଏହି କେନ୍ଦ୍ରକୁ ଥଇଥାନ ଉଦ୍ଦେଶ୍ୟରେ ପଠାଯାଇଥାଏ ।

ରାଜ୍ୟ ଯୋଜନାରେ ବି.ପି.ଏଲ. ତାଲିକାଭୁକ୍ତ ବନ୍ଦୀମାନଙ୍କୁ ଥଇଥାନ ଓ ଆର୍ଥିକ ସହାୟତା ଦେବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ *20* ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ବର୍ଷ ବୁଢିଆ ମୂର୍ମୁ ନାମକ ଏକ ବନ୍ଦୀକୁ ଡିଜେଲ ପମ୍ପ ଏବଂ ଆନୁଷଙ୍ଗିକ ଯନ୍ତ୍ରାଂଶ କିଣିବା ପାଇଁ *10* ହଜାର ଟଙ୍କା ଦିଆଯାଇଛି । *5* ଟି ବି.ପି.ଏଲ୍ ତାଲିକାଭୁକ୍ତ ବନ୍ଦୀ ପରିବାରଙ୍କ ଜୀବନ ଧାରଣ ନିମନ୍ତେ ସେମାନଙ୍କୁ ସାଇକେଲ୍ ମରାମତି ଦୋକାନ ଓ ଛୋଟ ଦୋକାନ ଖୋଲିବା ପାଇଁ *10* ହଜାର ଟଙ୍କା ଆବଣ୍ଟନ କରାଯାଇଛି ।

**3.11 ବନ୍ଦୀମାନଙ୍କ ଛୁଟି, ଖଲାସ ଓ ମାଫି:**

*2005* ମସିହାରେ *137* ଜଣ ଦୋଷୀ ସାବ୍ୟସ୍ତ ବନ୍ଦୀ କାରାବକାଶ ଛୁଟି ଉପଭୋଗ କରିଛନ୍ତି । କେବଳ ଜଣେ ବନ୍ଦୀ ଙ୍କୁ ସମୟ ପୂର୍ବ ଖଲାସ କରାଯାଇଛି । *62* ଜଣ ବନ୍ଦୀଙ୍କୁ ସେମାନଙ୍କର ଉତ୍ତମ କାର୍ଯ୍ୟ ଏବଂ ଉଚିତ୍ ବ୍ୟବହାର ପାଇଁ ସ୍ୱତନ୍ତ୍ର ମାଫି ଦିଆଯାଇଛି ।

*483* ଜଣ ବନ୍ଦୀଙ୍କୁ ବିଭିନ୍ନ ଜିଲ୍ଲାର ନ୍ୟାୟିକ ପରାମର୍ଶ କମିଟି ଓ ରାଜ୍ୟ ନ୍ୟାୟିକ ପରାମର୍ଶ କମିଟି ଦ୍ୱାରା ଆଇନ୍ ପରାମର୍ଶ ଦିଆଯାଇଥିଲା ।

# ଚତୁର୍ଥ ଅଧ୍ୟାୟ

***4.*** **ଗୃହରକ୍ଷୀ :**

***4.1*** ଗୃହରକ୍ଷୀ ସଂସ୍ଥାର ସ୍ୱେଚ୍ଛାସେବୀମାନେ ପୁଲିସ ପ୍ରଶାସନରେ ସହାୟକ ଅଟନ୍ତି । ସେମାନେ ଆଭ୍ୟନ୍ତରୀଣ ନିରାପତ୍ତା, ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଫେରାର ଅପରାଧୀକୁ ଧରିବା, ବିଶିଷ୍ଟ ବ୍ୟକ୍ତିମାନଙ୍କ ନିରାପତ୍ତା, ଯାନବାହାନ ନିୟନ୍ତ୍ରଣ, ରାତ୍ର ପହରା ଏବଂ ଜଗୁଆଳୀ ଇତ୍ୟାଦି କାର୍ଯ୍ୟ ସାଧାରଣ ଉଦ୍ୟୋଗ ଗୁଡିକରେ ସମ୍ପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାକୃତ ଭାବେ ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟରେ ମୁତୟନ ହୋଇଥାନ୍ତି ।

***4.2*** ବର୍ତ୍ତମାନ ଆମ ରାଜ୍ୟରେ *11632* ଜଣ ଗୃହରକ୍ଷୀ କାର୍ଯ୍ୟରତ । ସେମାନଙ୍କ ମଧ୍ୟରୁ *10683* ଜଣ ପୁରୁଷ ଓ *949* ଜଣ ମହିଳା ଅଟନ୍ତି ।

*4.3* ବରାଦ ଅନୁଯାୟୀ ସେମାନଙ୍କର ମୁତୟନଦ୍ୱାରା ସଂଗୃହିତ ଭତ୍ତା ରାଜ୍ୟର ରାଜସ୍ୱ ବୃଦ୍ଧିରେ ସାହାଯ୍ୟ କରେ । *2005-06* ଆର୍ଥିକ ବର୍ଷରେ (ଡିସେମ୍ବର *2005* ସୁଦ୍ଧା) *1339* ଜଣ ଗୃହରକ୍ଷୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଜଣ ପିଛା ଦୈନିକ *20* ଟଙ୍କା ହିସାବରେ *Capitation fees* ବାବଦରେ ମୋଟ୍ ଟ.*76,05,582* ଟଙ୍କା ଆଦାୟ୍ କରାଯାଇ ସରକାରୀ କୋଷାଗାରରେ ଜମା ଦିଆଯାଇଛି ।

*4.4* ଶ୍ରୀ ରତ୍ନାକର ନାୟକ, ଗୃହରକ୍ଷୀ ପ୍ଲାଟୁନ୍ କମାଣ୍ଡର, କଟକ, ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ସହକାରୀ ସେକ୍ସନ ଲିଡର , ଗୃହରକ୍ଷୀ, ରାଉରକେଲା ଓ ଶ୍ରୀମତୀ ସୁନିତା ବେହେରା, ସେକ୍ସନ ଲିଡର, ମହିଳା ଗୃହରକ୍ଷୀ, ପୁରୀ *2005* ମସିହା ସ୍ୱାଧୀନତା ଦିବସ ଅବସରରେ ମହାମାନ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପଦକ ପ୍ରାପ୍ତ ହୋଇଛନ୍ତି ।

*4.5* *2005* ମସିହାରେ ଛତିଶଗଡ ରାଜ୍ୟର ତ୍ରିସ୍ତରୀୟ ଗ୍ରାମପଞ୍ଚାୟତ ନିର୍ବାଚନରେ ଆଇନ୍ ଶୃଙ୍ଖଳା ରକ୍ଷା କାର୍ଯ୍ୟରେ ରାଜ୍ୟର ପ୍ରାୟ *1500* ଗୃହରକ୍ଷୀଙ୍କୁ ପ୍ରେରଣ କରାଯାଇଥିଲା । ସେମାନେ ସେମାନଙ୍କର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ ।

*4.6* *2005* ମସିହା ଡିସେମ୍ବର ସୁଦ୍ଧା *921* ଜଣ ପୌରାଞ୍ଚଳ ଏବଂ *948* ଜଣ ଗ୍ରାମାଞ୍ଚଳ ଗୃହରକ୍ଷୀ ମୌଳିକ ପ୍ରଶିକ୍ଷଣ ପାଠ୍ୟକ୍ରମରେ ତାଲିମପ୍ରାପ୍ତ ହୋଇଛନ୍ତି ।

## ପଞ୍ଚମ ଅଧ୍ୟାୟ

### *5.* ଅଗ୍ନିଶମ-ସେବା :

*5.1* ଓଡିଶା ଅଗ୍ନିଶମ ସେବା ଗୋଟିଏ ଜନ କଲ୍ୟାଣ ସେବା ଅଟେ । ଏହା ଜନସାଧାରଣଙ୍କ ଧନ ଓ ଜୀବନକୁ ଅଗ୍ନି ଦୁର୍ଘଟଣାରୁ ରକ୍ଷା କରିବାଭଳି ମହତ୍ ସେବା ଯୋଗାଇ ଦେଇଥାଏ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ସେବା କର୍ମଚାରୀ ମାନଙ୍କୁ ମଧ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ । ରାଜ୍ୟରେ *153* ଗୋଟି ଦମକଳ କେନ୍ଦ୍ର କାର୍ଯ୍ୟ କରୁଅଛି । *2001* ରୁ *2003* ମସିହା ମଧ୍ୟରେ ସ୍ଥାପିତ *39* ଗୋଟି ଦମକଳ କେନ୍ଦ୍ର ଏଥି ସହିତ ଅନ୍ତର୍ଭୁକ୍ତ ।

*5.2* *2005* ମସିହାରେ ( ଜାନୁୟାରୀଠାରୁ ନଭେମ୍ବର ) *9134* ଗୋଟି ଅଗ୍ନି ଡାକରା ଓ *4031* ଗୋଟି ସ୍ୱତନ୍ତ୍ର ସେବା ଡାକରା, ଅଗ୍ନିଶମ ସେବା ସଂସ୍ଥା ଦ୍ୱାରା ଅବିଳମ୍ବେ ଓ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରାଯାଇଛି । ଅଗ୍ନିଶମସେବା କର୍ମଚାରୀମାନେ ଅତିବିଶିଷ୍ଟ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗସ୍ତ କାଳରେ ଅଗ୍ନିଶମସେବା

ସୁରକ୍ଷା ଯୋଗାଇ ଦେଇଥାନ୍ତି । ସମ୍ଭାବ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ବିଭିନ୍ନ ପର୍ବପର୍ବାଣୀ ସମୟରେ ଅଗ୍ନିଶମସେବା କର୍ମଚାରୀ ଅଗ୍ନି ନିରୋଧକ ସେବା ନିୟମିତ ଭାବରେ ସମ୍ପାଦନ କରିଥାନ୍ତି ।

5.3 *153* ଗୋଟି ଦମକଳ କେନ୍ଦ୍ର ମଧ୍ୟରୁ *85* ଗୋଟି କେନ୍ଦ୍ର ନିଜସ୍ୱ ଗୃହରେ, *16* ଗୋଟି ଅନ୍ୟ ସରକାରୀ ଗୃହରେ ଏବଂ *52* ଗୋଟି କେନ୍ଦ୍ର ଘରୋଇ ଭଡାଘରେ ଚାଲୁଅଛି । *2005* ମସିହାରେ *19* ଗୋଟି ଦମକଳ କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । *25* ଗୋଟି ଦମକଳ କେନ୍ଦ୍ରର ଗୃହ ନିର୍ମାଣାଧୀନ ଅବସ୍ଥାରେ ଅଛି । ଅଗ୍ନିଶମସେବା ସଂସ୍ଥାର କର୍ମଚାରୀମାନଙ୍କ ନିମନ୍ତେ *13* ଗୋଟି ବାସଗୃହ ନିର୍ମାଣ ପାଇଁ ଏହିବର୍ଷ *59.80* ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି । ରାଜ୍ୟ ସରକାର ପ୍ରଥମ ଅତିରିକ୍ତ ବଜେଟ୍‌ରେ *10* ଗୋଟି ଦମକଳ କେନ୍ଦ୍ର ଗୃହ ନିର୍ମାଣ ପାଇଁ *2.50* କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । *2005-06* ବର୍ଷରେ ଅଗ୍ନି ନିର୍ବାପନ କାର୍ଯ୍ୟ ସମ୍ପାଦନ ନିମିତ୍ତ *4* ଗୋଟି ଟାଟା ଇଣ୍ଡିକା ଉଚ୍ଚଶକ୍ତି ସମ୍ପନ୍ନ ଡିଜେଲ୍ ଚାଳିତ ଟ୍ରେଲର ପମ୍ପ୍ କିଣାଯାଇ ଯୋଗାଇ ଦିଆଯାଇଛି ।

5.4 2005 ବର୍ଷ ମଧ୍ୟରେ ( ଜାନୁୟାରୀଠାରୁ ଡିସେମ୍ବର ) ବୃତ୍ତିଗତ କର, ଅକାମି ଗାଡି ବିକ୍ରି ଓ ଭଡା ବାବଦରେ 34,59,198 ଟଙ୍କା ଆଦାୟ କରାଯାଇ ସରକାରୀ ତହବିଲ୍‌ରେ ଜମା କରାଯାଇଛି ।

5.5 ପ୍ରତିବର୍ଷ ଅନେକ କୃତି ଅଗ୍ନିଶମସେବା ଅଧିକାରୀ ଏବଂ ଆଗ୍ନିକମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ସାହସିକତା ପଦକ, ବିଶିଷ୍ଟ ଅଗ୍ନିଶମସେବା ପଦକ ଏବଂ ଅଗ୍ନିଶମସେବା ପଦକ ପ୍ରଦାନ କରାଯାଇଅଛି ।

# ଷଷ୍ଠ ଅଧ୍ୟାୟ

**6. ବେସାମରିକ ପ୍ରତିରକ୍ଷା :**

**6.1** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନବୋଚିତ କାର୍ଯ୍ୟ କରି ପ୍ରତିକୁଳ ପରିସ୍ଥିତିରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ତଥା ବିପଦଗ୍ରସ୍ତଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ସେବା ପ୍ରଦାନ କରିବା ବେସାମରିକ ସଂଗଠନର ମୂଳ ଲକ୍ଷ୍ୟ ।

**6.2** ବେସାମରିକ ପ୍ରତିରକ୍ଷା ସଂସ୍ଥାର ବାସ୍ତବ ଉଦ୍ଦେଶ୍ୟ ହେଲା : (କ) ଜୀବନରକ୍ଷା କରିବା (ଖ) ଧନ ସମ୍ପତ୍ତି କ୍ଷୟ ନ୍ୟୁନ କରିବା (ଗ) ଉତ୍ପାଦନ ଚାଲୁ ରଖିବା (ଘ) ଯୁଦ୍ଧ ସମୟରେ ଜନସାଧାରଣଙ୍କ ନୈତିକ ମନୋବଳ ବୃଦ୍ଧି କରିବା । ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ହୋଇଥିଲେ ମଧ୍ୟ ଏହା ଦେଶର ପ୍ରତିରକ୍ଷା ସଂସ୍ଥାର ଏକ ଅଙ୍ଗ ହିସାବରେ ପରିଗଣିତ ।

**6.3** ଓଡିଶାରେ ଅଳ୍ପ ସଂଖ୍ୟକ ବେସାମରିକ ପ୍ରତିରକ୍ଷା ସଂଗଠନ କେନ୍ଦ୍ର କାର୍ଯ୍ୟ କରୁଅଛି । ସେଗୁଡିକ ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ, କୋରାପୁଟ ଓ ତାଳଚେରଠାରେ ଅବସ୍ଥିତ । ଚଳିତ ବର୍ଷ ଏହି ସଂସ୍ଥା ଦ୍ୱାରା ସ୍ୱେଚ୍ଛାସେବୀମାନଙ୍କୁ ନିମ୍ନଲିଖିତ ତାଲିମ ପ୍ରଦାନ କରାଯାଇଅଛି -

| କ୍ର.ନଂ. | ବିଷୟ | ତାଲିମ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ମାନଙ୍କ ସଂଖ୍ୟା |
|---|---|---|
| (i) | ମୌଳିକ ପ୍ରଶିକ୍ଷଣ | 351 |
| (ii) | ଅଗ୍ନିଶମ ପ୍ରଶିକ୍ଷଣ | 227 |
| (iii) | ସମ୍ପୂର୍ଣ୍ଣ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ | 129 |
| (iv) | ୱାର୍ଡେନ ପ୍ରଶିକ୍ଷଣ | 47 |
| (v) | ଉଦ୍ଧାର ପ୍ରଶିକ୍ଷଣ | 73 |

**6.4** ବନ୍ୟା ଓ ବାତ୍ୟା ସମୟରେ ଜୀବନ ରକ୍ଷାପାଇଁ 739 ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଇଅଛି ।

**6.5** ବେସାମରିକ ପ୍ରତିରକ୍ଷା ସଂସ୍ଥାର ସ୍ୱେଚ୍ଛାସେବୀମାନେ ବିଶ୍ୱ ରେଡକ୍ରସ ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏବଂ ପଲ୍ସପୋଲିଓ ଟୀକାଦାନ ତଥା ଜାତୀୟ ମେଲେରିଆ ନିରାକରଣ ଓ ଅନ୍ୟ ସାମାଜିକ-ଅର୍ଥନୈତିକ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟାନ୍ୱିତ କରିବା କିମ୍ବା ପାଳନ କରିବା ଅବସରରେ ସହାୟତା ପ୍ରଦାନ କରିଥାନ୍ତି । ରାଉରକେଲା, ଭୁବନେଶ୍ୱର, ତାଳଚେର ଓ କୋରାପୁଟର ଶ୍ରୀ ସ୍ୱାଧୀନ ପଣ୍ଡା, ଶ୍ରୀ ଜ୍ୟୋତିରଞ୍ଜନ ମହାପାତ୍ର, ଶ୍ରୀ ଗଣେଷ ବାରିକ,

ଶ୍ରୀ ସଞ୍ଜିବ କୁମାର ମିଶ୍ର, ଶ୍ରୀ ଜ୍ଞାନେନ୍ଦ୍ର କୁମାର ଦାସ ଓ ଶ୍ରୀ ଅପୂର୍ବ ମୋହନ ପଟ୍ଟନାୟକ, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନେ *2005* ମସିହା ସ୍ୱାଧୀନତା ଦିବସ ଅବସରରେ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହାମାନ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ରାଷ୍ଟ୍ରପତି ପଦକ ପାଇଛନ୍ତି ।

## ସପ୍ତମ ଅଧ୍ୟାୟ

**7. ନ୍ୟାୟପାଳିକା:**

**7.1** ଓଡିଶା ଉଚ୍ଚନ୍ୟାୟାଳୟରେ ବର୍ତ୍ତମାନ ଥିବା *16* ଗୋଟି ବିଚାରପତି ପଦବୀ (*15* ଗୋଟି ସ୍ଥାୟୀ *+1* ଟି ଅତିରିକ୍ତ ) ବ୍ୟତୀତ *2* ଗୋଟି ନୂତନ ସ୍ଥାୟୀ ବିଚାରପତି ପଦ ଓ *4* ଗୋଟି ଅତିରିକ୍ତ ବିଚାରପତି ପଦ ସୃଷ୍ଟି କରାଯିବା ପ୍ରସ୍ତାବରେ ଭାରତ ସରକାର ସହମତି ପ୍ରଦାନ କରିଛନ୍ତି । ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରପତି ପଦ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି, ଭିତ୍ତିଭୂମି ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି । ଫଳତଃ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱିତୀୟ ପରିବର୍ଦ୍ଧିତ କୋଠାର *4ର୍ଥ* ମହଲା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ଏବଂ *4* ଗୋଟି ନ୍ୟାୟାଳୟ ପ୍ରକୋଷ୍ଠର ନିର୍ମାଣାଧୀନ କାର୍ଯ୍ୟ ଆଗେଇ ଚାଲିଛି ।

**7.2** *2* କୋଟି *50* ଲକ୍ଷ ଟଙ୍କା ବ୍ୟୟରେ ରାଉରକେଲାର ସିଭିଲ ଅଦାଲତ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ବାସୁଦେବପୁରଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ଗୃହ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

## ଅଷ୍ଟମ ଅଧ୍ୟାୟ

**8. ମାନବିକ ଅଧିକାର ସୁରକ୍ଷା :**

**8.1** *2005* ମସିହାରେ ଯୌତୁକ ଓ ଅଣ ଯୌତୁକ ନିର୍ଯ୍ୟାତନା ସମ୍ପର୍କିତ *2550*ଟି ମାମଲା ଦରଜ ହୋଇଥିଲା । *2003* ଏବଂ *2004* ବର୍ଷରେ ଯଥାକ୍ରମେ *2269* ଓ *2312* ଗୋଟି ଏହିଭଳି ମାମଲା ଦରଜ କରାଯାଇଥିଲା । ପୂର୍ବବର୍ଷ ତୁଳନାରେ ଏହି ଅପରାଧର ଶତକଡା *10.2* ଭାଗ ବୃଦ୍ଧି ଘଟିଅଛି । *2005* ମସିହାରେ ଦରଜ ହୋଇଥିବା ସମୁଦାୟ *2550*ଟି ମାମଲା ମଧ୍ୟରୁ *1247*ଟି ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ, *7*ଟି ମାମଲାରେ ଚୁଡାନ୍ତ ରିପୋର୍ଟ, *27*ଟି ମାମଲା ତଥ୍ୟଜନିତ ତ୍ରୁଟି, *6*ଟି ମାମଲା ଅଣ ଧର୍ତ୍ତବ୍ୟରେ ପରିଣତ ଏବଂ *18*ଟି ମାମଲା ମିଥ୍ୟା ଅଟେ । ଅବଶିଷ୍ଟ *1245*ଟି ମାମଲା ଅନୁସନ୍ଧାନ ନିମନ୍ତେ ବକେୟା ଅଛି ।

8.2 ମହିଳାମାନଙ୍କ ମଧ୍ୟରେ ଅଧିକାର ଓ ମର୍ଯ୍ୟାଦା ସମ୍ପର୍କୀୟ ସଚେତନତା ବୃଦ୍ଧି ପାଉଥିବା ଯୋଗୁଁ ମହିଳା ନିର୍ଯ୍ୟାତନା ମାମଲାଗୁଡିକ ବହୁ ସଂଖ୍ୟାରେ ରିପୋର୍ଟ ହେଉଅଛି । ବୋଧହୁଏ ଏହି କାରଣ ଯୋଗୁଁ ଥାନାଗୁଡିକରେ ଏହିଭଳି ମାମଲା ଦରଜର ବୃଦ୍ଧି ଘଟୁଥିବାର ଲକ୍ଷ୍ୟ କରାଯାଉଅଛି ।

8.3 ଜାତୀୟ ମାନବାଧିକାର କମିଶନ ଓ ଓଡିଶା ରାଜ୍ୟ ମାନବାଧିକାର କମିଶନରୁ ଏହି ବିଭାଗରେ ନୋଟିସ୍‌ମାନ ହସ୍ତଗତ ହେଉଅଛି । ଏହି ନୋଟିସ୍‌ଗୁଡିକର ଉତ୍ତର ପ୍ରଦାନ ସଂକ୍ରାନ୍ତୀୟ ଅଗ୍ରଗତି ନିମ୍ନୋକ୍ତ ସାରଣୀରେ ପ୍ରଦତ୍ତ ହେଲା:-

## ଜାତୀୟ ମାନବାଧିକାର କମିଶନ

| କ୍ରମିକ ସଂଖ୍ୟା | କ୍ରମବର୍ଦ୍ଧିଷ୍ଣୁ ବକେୟା ନୋଟିସ୍ ଗୁଡିକର ସଂଖ୍ୟା ( ତା.01.01.2005 ସୁଦ୍ଧା ) | 2005ରେ ପ୍ରାପ୍ତ ନୋଟିସ୍‌ର ସଂଖ୍ୟା | 2005ରେ ଉତ୍ତର ଦିଆଯାଇଥିବା ନୋଟିସ୍‌ର ସଂଖ୍ୟା | ଉତ୍ତର ପ୍ରଦାନ ପାଇଁ ବକେୟା ଥିବା ନୋଟିସ୍‌ର ସଂଖ୍ୟା ( ତା. 01.01.2006 ସୁଦ୍ଧା ) |
|---|---|---|---|---|
| (1) | (2) | (3) | (4) | (5) |
| 1. | 267 | 61 | 71 | 257 |

## ଓଡିଶା ମାନବାଧିକାର କମିଶନ

| କ୍ରମିକ ସଂଖ୍ୟା | କ୍ରମବର୍ଦ୍ଧିଷ୍ଣୁ ବକେୟା ନୋଟିସ୍ ଗୁଡିକର ସଂଖ୍ୟା ( ତା. 01.01.2005ସୁଦ୍ଧା ) | 2005ରେ ପ୍ରାପ୍ତ ନୋଟିସ୍‌ର ସଂଖ୍ୟା | 2005ରେ ଉତ୍ତର ଦିଆଯାଇଥିବା ନୋଟିସ୍‌ର ସଂଖ୍ୟା | ଉତ୍ତର ପ୍ରଦାନ ପାଇଁ ବକେୟା ଥିବା ନୋଟିସ୍‌ର ସଂଖ୍ୟା ( ତା. 01.01.2006ସୁଦ୍ଧା ) |
|---|---|---|---|---|
| (1) | (2) | (3) | (4) | (5) |
| 1. | 18 | 6 | 2 | 22 |

# ନବମ ଅଧ୍ୟାୟ

## 9. ନିର୍ବାଚନ :

## 9.1 ଉପନିର୍ବାଚନ ପରିଚାଳନା:

*135*-ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ଉପନିର୍ବାଚନର ସମସ୍ତ *187*ଗୋଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (EVM) ବ୍ୟବହୃତ ହୋଇଥିଲା ।

## 9.2 ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ:

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ତା *01.01.2006* ରିଖକୁ ଯୋଗ୍ୟତା ସୂଚକ ତାରିଖ ରୂପେ ଗ୍ରହଣ କରାଯାଇ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ନିଆଯାଇଛି । ତା *05.12.2005* ରିଖରେ ଚିଠା ଭୋଟର ତାଲିକା ପ୍ରକାଶନ କରାଯାଇଥିଲା ଏବଂ ପ୍ରାପ୍ତ ଦାବି ଓ ଆପତ୍ତି ଫଏସଲା ପରେ ତା *10.03.2006* ରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନର ପ୍ରମୁଖ ବୈଶିଷ୍ଟ୍ୟ ନିମ୍ନୋକ୍ତରେ ଅନ୍ତର୍ଭୁକ୍ତ ।

*1.* ଯେଉଁ ଭୋଟରମାନଙ୍କ ବିରୁଦ୍ଧରେ *6* ମାସ ବା ତତୁର୍ଦ୍ଧ ସମୟଧରି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ନ ହୋଇ ପଡି ରହିଛି, ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ।

*2.* ପ୍ରଥମଥର ପାଇଁ ଜନସାଧାରଣଙ୍କ ଅବଗତି ନିମନ୍ତେ ରାଜ୍ୟର ସମସ୍ତ ଚିଠା ଭୋଟର ତାଲିକାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ୱେବ୍ ସାଇଟ୍‌ରେ ଛଡାଯାଇଅଛି ।

# ଦଶମ ଅଧ୍ୟାୟ

## *10.* ଓଡିଶା କ୍ଷିପ୍ର ଲିପି ଓ ମୁଦ୍ରଲିପି ପ୍ରତିଷ୍ଠାନ, ଭୁବନେଶ୍ୱର :

ଭୁବନେଶ୍ୱରରେ ଅବସ୍ଥିତ ଏହି ପ୍ରତିଷ୍ଠାନ, ଅଣ କର୍ମଚାରୀ ଏବଂ ସରକାରୀ କର୍ମଚାରୀ ଯଥା - କ୍ଷିପ୍ର ଲିପିକ, ମୁଦ୍ର ଲେଖକ ଏବଂ କନିଷ୍ଠ କିରାଣୀମାନଙ୍କୁ ଓଡିଆ ଏବଂ ଇଂରାଜୀ ଭାଷାରେ 'କ୍ଷିପ୍ରଲିପି' ଓ 'ମୁଦ୍ରଲିପି' ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ । *2005* ବର୍ଷରେ *44* ଜଣ ସରକାରୀ କର୍ମଚାରୀ ( କ୍ଷିପ୍ର ଲିପିକ, ମୁଦ୍ର ଲେଖକ/କନିଷ୍ଠ କିରାଣୀ ) ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । *147* ଜଣ ଓଡିଶା ପ୍ରଶାସନିକ ସେବା (ଶିକ୍ଷାନବିସ) ମାନଙ୍କୁ ଇଂରାଜୀ ମୁଦ୍ରଲିପିରେ ପ୍ରଶିକ୍ଷଣ ଦିଆଯାଇଅଛି ।

# ଏକାଦଶ ଅଧ୍ୟାୟ

## 11. ରାଜ୍ୟ ସୈନିକ ବୋଡ :

**11.1** ରାଜ୍ୟର ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ ଓ ପ୍ରତିରକ୍ଷା କର୍ମଚାରୀଙ୍କ ପରିବାରର କଲ୍ୟାଣ ଓ ପୁନର୍ବସତିର ପ୍ରୋତ୍ସାହନ ନିମନ୍ତେ ଓଡିଶା ରାଜ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା କରାଯାଇଅଛି । ଏହି ରାଜ୍ୟ ସୈନିକ ବୋର୍ଡ ଅଧିନରେ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ହିସାବରେ *6*ଟି ଜିଲ୍ଲା ସୈନିକ ବୋର୍ଡ, କଟକ, ଡେଙ୍କାନାଳ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ କଳାହାଣ୍ଡିଠାରେ କାର୍ଯ୍ୟ କରୁଅଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାଗ ନେଇଥିବା ଯୁଦ୍ଧପୋଖତ ମାନଙ୍କର ପେନ୍‌ସନ୍ ଦରଖାସ୍ତ ବିଚାର କରିବା, ଭୂତପୂର୍ବ ସୈନିକମାନଙ୍କର ପରିଚୟପତ୍ର ପ୍ରଦାନ କରିବା, ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ ଏବଂ ମୃତ ପ୍ରତିରକ୍ଷା କର୍ମଚାରୀମାନଙ୍କର ପରିବାରବର୍ଗଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସହାୟତା କରିବା, ଏହି ବୋର୍ଡମାନଙ୍କର ମୁଖ୍ୟ କାର୍ଯ୍ୟ ଅଟେ ।

*2005* ବର୍ଷରେ ସୈନିକ ବୋର୍ଡ ସଂସ୍ଥା ହାସଲ କରିଥିବା ସଫଳ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

### (କ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପୋଖତ ପେନ୍‌ସନ୍-

ଏପ୍ରିଲ *2005*ରୁ ଡିସେମ୍ବର *2005* ମଧ୍ୟରେ *121* ଜଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୋଖତ / ବିଧବା ପତ୍ନିଙ୍କୁ ମାସିକ *5* ଶହ ଟଙ୍କା ହାରରେ ମୋଟ୍ *6* ଲକ୍ଷ *72* ହଜାର ଟଙ୍କା ବିତରଣ କରାଯାଇଛି ।

**(ଖ) ଭୂତପୂର୍ବ ସାମରିକ କର୍ମଚାରୀ ମାନଙ୍କୁ ପରିଚୟପତ୍ର ପ୍ରଦାନ :**

ରାଜ୍ୟର ବିଭିନ୍ନ ଜିଲ୍ଲା ସୈନିକ ବୋର୍ଡ ମାନଙ୍କ ଦ୍ୱାରା *954* ଜଣ ଭୂତପୂର୍ବ ସାମରିକ କର୍ମଚାରୀ/ବିଧବାମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଅଛି ।

**(ଗ) ଭୂତପୂର୍ବ ସାମରିକ କର୍ମଚାରୀ ମାନଙ୍କୁ ନିଯୁକ୍ତି ସହାୟତା :**

*12* ଜଣ ଭୂତପୂର୍ବ ସାମରିକ କର୍ମଚାରୀଙ୍କୁ ବିଭିନ୍ନ ସାଧାରଣ ସେକ୍ଟର ବ୍ୟାଙ୍କ ଏବଂ ଜଣେ ପୂର୍ବତନ ସାମରିକ କର୍ମଚାରୀଙ୍କୁ ରାଜ୍ୟ ସାଧାରଣ ଉଦ୍ୟୋଗରେ ନିଯୁକ୍ତି ସହାୟତା ପ୍ରଦାନ କରାଯାଇଅଛି ।

## ଦ୍ୱାଦଶ ଅଧ୍ୟାୟ

**12. ରାଜ୍ୟ ଅତିଥି ଭବନ :**

**12.1** ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରରେ ୫୪ଟି ପ୍ରକୋଷ୍ଠ ରହିଛି । ଅତିଥି ଦିବସ ଅନୁସାରେ ଏହାର ବାର୍ଷିକ ଧାରଣ ଶକ୍ତି *21,170* । ବର୍ତ୍ତମାନ ଏଠାରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁଅଛି ।

ଚଳିତ ଆର୍ଥିକ ବର୍ଷ *2005-06* ( ତା *01.04.2005* ରିଖରୁ ତା *31.12.2005* ରିଖ ପର୍ଯ୍ୟନ୍ତ )ରେ ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରରେ *7603* ଜଣ ଅତିଥିଙ୍କୁ ଚର୍ଚ୍ଚା କରାଯାଇଅଛି । ହାରାହାରି ଦଖଲ ହାର, ଧାରଣ ଶକ୍ତିର ଶତକଡା *35.91* ଭାଗ । ଏହି ସମୟ ମଧ୍ୟରେ ରାଜସ୍ୱ ବାବଦରେ *20,35,954* ଟଙ୍କା ଆଦାୟ କରାଯାଇଛି । ବର୍ତ୍ତମାନ ରାଜ୍ୟ ଅତିଥି ଭବନର ଖାଲିଥିବା ଲଭ୍ୟ ପ୍ରକୋଷ୍ଠଗୁଡିକ ଜନସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ।

**12.2 ଓଡିଶା ଭବନ/ ନିବାସ, ନୂଆଦିଲ୍ଲୀ :**

ନୂଆଦିଲ୍ଲୀସ୍ଥ ଆବାସିକ କମିଶନର, ରାଜ୍ୟ ସରକାରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ, ପ୍ରତିଷ୍ଠାନ ଓ ସଂସ୍ଥା ସହିତ ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିଥାନ୍ତି ।

ଚଳିତ ଆର୍ଥିକ ବର୍ଷ (*2005-06*) ରେ ଏହି କାର୍ଯ୍ୟାଳୟ ଅନେକ ପ୍ରଣିଧାନ ଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛି । ତାହାର ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ କରାଗଲା -

**(କ) ସମ୍ବନ୍ଧିତ କାର୍ଯ୍ୟାଳୟ**

ଦିଲ୍ଲୀରେ ଅବସ୍ଥିତ ସମସ୍ତ ବିଭାଗୀୟ ଦପ୍ତର ତଥା ସରକାରୀ ଉଦ୍ୟୋଗ ଏବଂ ଯୋଗସୂତ୍ର ଅଧିକାରୀଙ୍କ କାର୍ଯ୍ୟାଳୟ, ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହିତ ଏକତ୍ରିତ କରାଯାଇଛି । ଏହାଦ୍ୱାରା ଆର୍ଥିକ ସମ୍ବଳର ସୁବିନିଯୋଗ, ଉତ୍ତମ ସମନ୍ୱୟ ତଥା ଯୋଗସୂତ୍ର ରକ୍ଷା କରିବାରେ ଅଧିକ ସହାୟ ହୋଇଛି ।

**(ଖ) ଓଡିଶା ବିନିଯୋଗ ଓ ରପ୍ତାନୀ ପ୍ରୋତ୍ସାହନ କାର୍ଯ୍ୟାଳୟ -**

ବିନିଯୋଗ ଓ ରପ୍ତାନୀ ପ୍ରୋତ୍ସାହନ କାର୍ଯ୍ୟକ୍ରମର ଅଙ୍ଗୀକାର କରିବା ଉଦ୍ଦେଶ୍ୟରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇଛି । ଦିଲ୍ଲୀ ଓ ଡେରାଡୁନ୍‌ରେ ପ୍ରଯୋଜିତ ଆର୍ନ୍ତଜାତିକ ବାଣିଜ୍ୟ ମେଳାରେ ଅଂଶଗ୍ରହଣ, ରାଜ୍ୟର ମଧ୍ୟମ ଓ ବୃହତ ଉଦ୍ୟୋଗମାନଙ୍କର ନିର୍ଦ୍ଦେଶିକା ପ୍ରକାଶନ ତଥା ଭାରତ ସରକାରଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ନିମନ୍ତେ ତଥ୍ୟ ପ୍ରସ୍ତୁତି ଯଥା - ଦିଲ୍ଲୀରେ ଉତ୍କଳିକା ଗୃହର ପୁନରୁଦ୍ଧାର, ବୃହତ ନଏଡାରେ ପ୍ରକଟନ ଦୋକାନ କ୍ରୟ ଇତ୍ୟାଦି, ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟର ଅନ୍ତର୍ଭୁକ୍ତ ।

**(ଗ) ରାଜସ୍ୱ ଆଦାୟ -**

- *2004-05* ଆର୍ଥିକ ବର୍ଷରେ *47.86* ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ।
- *3,40,921* ଟଙ୍କା ବକେୟା ପାଉଣା ଆଦାୟ ।
- *11,12,871* ଟଙ୍କା ବକେୟା ଅଗ୍ରୀମ ମଜୁରା କରିବା ।
- ପ୍ରଥମଥର ପାଇଁ ଓଡିଶା ନିବାସର କ୍ୟାଣ୍ଟିନକୁ ଖୋଲାବଜାରରେ ନିଲାମ ଡକାଯାଇ ସର୍ବାଧିକ ମାସିକ *32*ହଜାର ଟଙ୍କାରେ ଭଡା ଦିଆଯାଇଅଛି । ଏହି ଭଡା ବ୍ୟତୀତ, ବିଦ୍ୟୁତ୍ ଓ ଜଳ ବାବଦର ଦେୟ ନିଲାମଧାରୀଙ୍କୁ ବହନ କରିବାକୁ ପଡିବ ।

**(ଘ) ଯୋଗସୂତ୍ର ଏବଂ ଅନୁସରଣ କାର୍ଯ୍ୟ -**

(*1*) ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହିତ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ବିଭାଗୀୟ ଦପ୍ତର ସହିତ ଯୋଗାଯୋଗ ରକ୍ଷା କରିବା ନିମନ୍ତେ ଏକ ବ୍ୟାପକ ୱେବ୍ ସାଇଟ୍ ପ୍ରସ୍ତୁତ କରାଯାଇଛି । ଏହି ବ୍ୟବସ୍ଥା ମାଧ୍ୟମରେ ମଞ୍ଜୁରୀ ଆଦେଶ, ସ୍ଥଗିତ ରହିଥିବା ପ୍ରସ୍ତାବ ଗୁଡିକର ସ୍ଥିତି ଏବଂ ବିଭିନ୍ନ ସଭାରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧୀୟ ତଥ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

(2) ଓଡିଶା ଭବନ ଓ ଓଡିଶା ନିବାସରେ ଆଭ୍ୟନ୍ତରୀଣ ଆଧୁନିକ ସମ୍ମେଳନ ବ୍ୟବସ୍ଥା ସୃଷ୍ଟି କରାଯାଇଛି ।

(3) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରଙ୍କ ବିଭାଗୀୟ ପ୍ରତିପକ୍ଷ ମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ବକେୟା ବିଷୟଗୁଡିକର ଦ୍ରବ୍ୟ ତାଲିକା ପ୍ରସ୍ତୁତ କରିବା ଓ ଫଳପ୍ରଦ ଭାବେ ଅନୁସରଣ କରିବା ଉଦ୍ଦେଶ୍ୟରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ନୋଡାଲ ଅଫିସରଙ୍କୁ ଚିହ୍ନିତ କରାଯାଇଛି ।

(4) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହିତ ନିବିଡ ଯୋଗସୂତ୍ର ରକ୍ଷା କରିବା ସହ ବାହ୍ୟ ସଂସ୍ଥା ଯଥା, ଡି.ଏଫ୍.ଆଇ.ଡି. ଓ ବିଶ୍ୱ ବ୍ୟାଙ୍କ ପ୍ରଭୃତି ସହ ସମନ୍ୱୟ ରକ୍ଷା କରାଯାଉଛି । ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ବାହ୍ୟ ସଂସ୍ଥା ସହିତ ଯୋଗସୂତ୍ର ରକ୍ଷା କରିବା ଦ୍ୱାରା କେତେଗୁଡିଏ ପ୍ରସ୍ତାବଗୁଡିକୁ ସଫଳତାର ସହ ଫଳପ୍ରଦ କରାଯାଇଅଛି । ତନ୍ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ଉଦ୍ୟୋଗ ସଂସ୍ଥାର କାର୍ଯ୍ୟକ୍ରମ ପାଇଁ ଡି.ଏଫ୍.ଆଇ.ଡି.ରୁ ସହାୟତା ଭାବେ 30.487 ଅୟୁତ ଡଲାର ଅନୁଦାନ ମଞ୍ଜୁରୀ ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ ଭାରତ ସରକାରଙ୍କର ଅର୍ଥନୈତିକ ମନ୍ତ୍ରଣାଳୟ ସହସ୍ରାବ୍ଦ ଉନ୍ନତି ଲକ୍ଷ୍ୟ ପାଇଁ 500 କୋଟି ଟଙ୍କା ଏବଂ ଭୂମି ପ୍ରଶାସନ ପ୍ରକଳ୍ପ ନିମନ୍ତେ 515 କୋଟି ଟଙ୍କାର ପ୍ରସ୍ତାବକୁ ଡି.ଏଫ୍.ଆଇ.ଡି.ରୁ ସହାୟତା ପ୍ରାପ୍ତି ନିମନ୍ତେ ଅନୁମୋଦନ କରିଛନ୍ତି ।

(5) ସଫଳତାର ସହ ଅନୁସରଣ ଦ୍ୱାରା କେନ୍ଦ୍ରୀୟ / କେନ୍ଦ୍ରୀୟ ପ୍ରବର୍ତ୍ତୀତ ପରିଯୋଜନାରୁ ଯେଉଁ କେତେଗୁଡିଏ ବୃହତ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁରୀ ଫଳପ୍ରଦ ହୋଇଅଛି ତନ୍ମଧ୍ୟରେ, ଶିଳ୍ପ ଭିତ୍ତିଭୂମି ଉନ୍ନୀତ ଯୋଜନା ମାଧ୍ୟମରେ ଯାଜପୁରଠାରେ ଇସ୍ପାତ ଓ ଧାତୁ ଭିତ୍ତିକ ଶିଳ୍ପପୁଞ୍ଜ ନିମନ୍ତେ 50 କୋଟି ଟଙ୍କା ଏବଂ ସର୍ବଶିକ୍ଷା ଅଭିଯାନ, ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଇତ୍ୟାଦି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁରୀ ଅନ୍ତର୍ଭୁକ୍ତ ।

**(ଙ) କାର୍ଯ୍ୟାଳୟ ପ୍ରଶାସନର ସୁବ୍ୟବସ୍ଥିକରଣ/ ମଙ୍ଗଳକାରୀ ପଦକ୍ଷେପ-**

- ପ୍ରକୋଷ୍ଠ ସଂରକ୍ଷଣ ବ୍ୟବସ୍ଥା, ବେତନ ନାମାବଳୀ ଓ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଇତ୍ୟାଦି ଅନେକ ସରକାରୀ କାର୍ଯ୍ୟର କମ୍ପ୍ୟୁଟରୀକରଣ ।
- କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇ ଦେବା ନିମନ୍ତେ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ 104ଟି ଏକ ପ୍ରକୋଷ୍ଠ ବିଶିଷ୍ଟ ଗୃହ କ୍ରୟ କରାଯାଇଛି ।
- ବରିଷ୍ଠ କର୍ମଚାରୀବୃନ୍ଦଙ୍କୁ ବାସଗୃହ ଯୋଗାଇଦେବା ନିମନ୍ତେ 4ଟି ଏମ୍.ଆଇ.ଜି. ଫ୍ଲାଟ୍ କ୍ରୟ କରାଯାଇଛି ।

### 12.3 ଉତ୍କଳ ଭବନ, କୋଲକତା :

କୋଲକତାସ୍ଥିତ ଉତ୍କଳ ଭବନରେ *28* ଟି ପ୍ରକୋଷ୍ଠରେ *68*ଟି ଶଯ୍ୟା ଅଛି । ତନ୍ମଧ୍ୟରୁ *6* ଗୋଟି ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ, *11*ଗୋଟି ସାଧାରଣ ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଏବଂ *2* ଗୋଟି ଏକ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି । ଅତିଥି ଦିବସ ଅନୁସାରେ ଏହାର ଧାରଣ ଶକ୍ତି *24,820* ଅଟେ । *8,909* ଅତିଥି ଦିବସ ଆପ୍ୟାୟିତ କରାଯାଇ, ରାଜସ୍ୱ ବାବଦରେ *14,04,564* ଟଙ୍କା ଆଦାୟ କରାଯାଇଥିଲା ।

## ତ୍ରୟୋଦଶ ଅଧ୍ୟାୟ

### 13. ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ :

ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ ରାଜ୍ୟର ଫୌଜଦାରୀ ନ୍ୟାୟାଳୟଗୁଡିକର ଅଭିଯୋଗଗୁଡିକୁ ପର୍ଯ୍ୟାଲୋଚନା ଓ ଉପସ୍ଥାପନା କରି ଦୋଷସିଦ୍ଧ ହାର ଉନ୍ନତି କରିବା ଦାୟିତ୍ୱ ବହନ କରୁଛନ୍ତି । *1997* ମସିହାରେ ଓଡିଶା ରାଜ୍ୟ ଅଭିଯୋଜନ ସେବା ନିୟମ, *1997* ପ୍ରଣୟନ ଓ ଅଧିସୂଚୀତ କରାଗଲା । ସେହି ସମୟରୁ *17* ଜଣ ସାଧାରଣ ଅଭିଯୋଜକ, *12* ଜଣ ଅତିରିକ୍ତ ସାଧାରଣ ଅଭିଯୋଜକ ଓ *19* ସହକାରୀ ସାଧାରଣ ଅଭିଯୋଜକ, ନିଯୁକ୍ତି ସଂଗ୍ରହ ପ୍ରକ୍ରିୟାରେ ଚୟନ କରାଯାଇ ସରକାରଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା । କ୍ୟାଡର ଅଭିଯୋଜକମାନଙ୍କ ଦ୍ୱାରା ପରିଚାଳିତ ମାମଲାଗୁଡିକର ଦୋଷସିଦ୍ଧ ହାର ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା

| ନ୍ୟାୟାଳୟର ନାମ | ସମୟ | ଫଇସଲା ମାମଲାର ସଂଖ୍ୟା | ଦୋଷସିଦ୍ଧ ମାମଲା ସଂଖ୍ୟା | ଦୋଷସିଦ୍ଧ ହାର |
|---|---|---|---|---|
| (1) | (2) | (3) | (4) | (5) |
| ମାଜିଷ୍ଟ୍ରେରିଆଲ ନ୍ୟାୟାଳୟ | ଜାନୁୟାରୀ *2005*ରୁ ସେପ୍ଟେମ୍ବର *2005* | 2031 | 601 | 29.59% |
| ଦୌରା ନ୍ୟାୟାଳୟ | ଜାନୁୟାରୀ *2005*ରୁ ସେପ୍ଟେମ୍ବର *2005* | 1118 | 530 | 47.41% |
| | **ମୋଟ-** | **3149** | **1131** | **35.92%** |

- O -

OGP—MP—PTS (Home) 30—500—4-3-2006